ISSN: 2456-9194, Vol. III, Issue. III, Dec 2019

ପ୍ରତ୍ୟୟ

(Journal of Odia Language, Culture and Science)

JournalHomepage:http://cphfs.in/research.php



# ହିନ୍ଦୀ-ଓଡ଼ିଆ ସାହିତ୍ୟର ଦୁଇ ସଚ୍ଚିଦାନନ୍ଦ: ଏକ ମୂଲ୍ୟାୟନ

**ଡକ୍ଟର ସଂଘମିତ୍ରା ଭଂଜ**

ଆସିଷ୍ଟାଣ୍ଟ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,

ରମାଦେବୀ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

Email: bhanjasenghanitna@gamil.com

*ସଂକ୍ଷିପ୍ତ ପରିଚୟ: ଆଧୁନିକ ହିନ୍ଦୀ ଏବଂ ଓଡ଼ିଆ ସାହିତ୍ୟର ଦୁଇ ପ୍ରଚଣ୍ଡ କବି ତଥା ଶୈଳୀକାର ହେଉଛନ୍ତି ସଚ୍ଚିଦାନନ୍ଦ ହୀରାନନ୍ଦ ବାତ୍ସାୟାନ (ଅଜ୍ଞେୟ) ଏବଂ ସଚ୍ଚିଦାନନ୍ଦ ରାଉତରାୟ । ଉଭୟଙ୍କ କବିତା ଭିତରେ ଚିତ୍ରଶବ୍ଦର ପ୍ରାଚୁର୍ଯ୍ୟ ରହିଛି । ମନୋବିଶ୍ଳେଷଣକୁ ପ୍ରାଧାନ୍ୟ ଦେବା ସହିତ ଅନାସ୍ଥା, ଅହଂ, ଅବିଶ୍ୱାସ, ସମଷ୍ଟିର ଭାବନା, ଆତ୍ମଦହନ, ରଢ଼ିବିରୋଧୀ ମନୋବୃତ୍ତିକୁ ବିବିଧ ଉପମା, ଚିତ୍ରକଳ୍ପ ଓ ବିଶ୍ୱଧର୍ମୀ ଶବ୍ଦ ମାଧ୍ୟମରେ ଅଭିବ୍ୟକ୍ତ କରିବାରେ ଉଭୟଙ୍କର ଭାବଗତ ସାମ୍ୟ ନିଶ୍ଚିତ ଅଭିନବ । ଉଭୟଙ୍କ ମଧ୍ୟରେ ରହିଥିବା ଅଦ୍ଭୁତ କାବ୍ୟଗତ ଭାବସାମ୍ୟକୁ ଉପସ୍ଥାପନ କରିବା ହିଁ ଏହି ଗବେଷଣାତ୍ମକ ପ୍ରବନ୍ଧର ପ୍ରମୁଖ ଉଦ୍ଦେଶ୍ୟ ।*

*ପ୍ରମୁଖ ଶବ୍ଦାବଳୀ : ସଚ୍ଚିଦାନନ୍ଦ, ଅଜ୍ଞେୟ, ପ୍ରୟୋଗବାଦ, ସଚ୍ଚିଦାନନ୍ଦ ରାଉତରାୟ, ହିନ୍ଦୀ ସାହିତ୍ୟ, ଓଡ଼ିଆ ସାହିତ୍ୟ*

ଭାବାତ୍ମକ ସଂବେଗ କବିର ଏକାନ୍ତ ପାଥେୟ । ବ୍ୟକ୍ତିକ ଚେତନାକୁ ଆଚ୍ଛନ୍ନ କରିଥିବା 'ଅହଂ'ଟିକୁ କବି ଅତି ସନ୍ତର୍ପଣରେ ଓଜଃସ୍ୱୀ ଶବ୍ଦଦ୍ୱାରା ସ୍ୱତନ୍ତ୍ର କରି ଗଢ଼ିତୋଳେ । କବି-କର୍ମ ଭିତରର ଆବେଗିକ ଦହନ ଦେଇ ଶବ୍ଦସବୁ ଉତ୍ତରିତ ହୁଅନ୍ତି । କବିର ନିଖୁଣ କାରିଗରୀ ଭିତରେ ଜୀବିତ ଶବ୍ଦସବୁ ହୁଅନ୍ତି ବହୁ ପ୍ରଭାବୀ। ଯୁଗୀୟ ଅପୂର୍ଣ୍ଣତା ଓ ଅସନ୍ତୋଷ ହିଁ କବି-କର୍ମକୁ ଦିଏ ନୂତନ ବିସ୍ତୃତି । ଯେଉଁଥିପାଇଁ ପାଠକ ଆଖିରେ କବିଟିଏ ସାଧାରଣ ମଣିଷରୁ ପାଲଟିଯାଏ ଦ୍ୱିତୀୟ ଈଶ୍ୱର ।

ଆଧୁନିକ ହିନ୍ଦୀ ଏବଂ ଓଡ଼ିଆ ସାହିତ୍ୟ ଇତିହାସରେ ଯୁଗୀୟ ଅପୂର୍ଣ୍ଣତା ଓ ଅସନ୍ତୋଷକୁ ଆଧାର କରି ବହୁ ପ୍ରଭାବୀ ସାହିତ୍ୟ ସୃଷ୍ଟି କରିଥିବା ଦୁଇ ପ୍ରଚଣ୍ଡ ଐଶୀ ଶବ୍ଦକାର ତଥା ଅସାମାନ୍ୟ ଦକ୍ଷ ଶୈଳୀକାର ହେଉଛନ୍ତି ଶ୍ରୀ ସଚ୍ଚିଦାନନ୍ଦ ହୀରାନନ୍ଦ ବାତ୍ସ୍ୟାୟନ (ଅଜ୍ଞେୟ) ଏବଂ ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ । ସତ୍-ଚିତ୍-ଆନନ୍ଦର ମହାସମନ୍ୱୟକୁ ନେଇ ଉଭୟଙ୍କ କାବ୍ୟ-ମନ୍ଦିର ସତେ ଯେପରି ସଂପୁଟ ହୋଇଛି । ଉଭୟଙ୍କ ସୃଷ୍ଟି ସମୟ ସମାଜ-ଜୀବନର ନିଚ୍ଛକ ସତ୍ୟପ୍ରତି ଉନ୍ମୁଖ । ସବୁଜ ଚୈତନୀୟ ଆହ୍ୱାନରେ ନିମଗ୍ନ ତଥା ଅତୀନ୍ଦ୍ରିୟ ମହାନନ୍ଦରେ ଆବିଷ୍ଟ  ସେମାନଙ୍କ ସୃଷ୍ଟି । ଉଭୟଙ୍କ ଶିଳ୍ପ-ନୈପୁଣ୍ୟର ପଟ୍ଟାନ୍ତର ନାହିଁ କି ଶବ୍ଦ-ମାଧୁର୍ଯ୍ୟର ବିକଳ୍ପ ନାହିଁ । ଲୟକୁ-ଛନ୍ଦକୁ ଅପେକ୍ଷା ନାହିଁ କି କୌଣସି ସମ୍ମାନ-ସମ୍ବର୍ଦ୍ଧନାର ଲାଳସା ନାହିଁ । କେବଳ ଭାବାବେଗର ସ୍ରୋତରେ ଶବ୍ଦ-ନିର୍ମାଣର ପ୍ରକ୍ରିୟାରେ ଅନୁବ୍ରତୀ ହୋଇଛନ୍ତି । ଉଦ୍ଦେଶ୍ୟ କେବଳ ବ୍ୟକ୍ତିକ ଦ୍ୱିରୁକ୍ତି ଓ ଆତ୍ମିକ ଯନ୍ତ୍ରଣାବୋଧରୁ ମୁକ୍ତି ତଥା 'ମୁଁ'ଟିର ପ୍ରତିଷ୍ଠା ।

ଦୁଇଟି ଭିନ୍ନ ସାହିତ୍ୟିକ ପରିବେଶରେ ଉଭୟେ ଲେଖନୀଚାଳନା କରିଥିଲେ । ସେମାନଙ୍କ ସୃଷ୍ଟିର ନବ୍ୟ-ଭାବଧାରା ଓ ଶୈଳ୍ପିକ ଟେକ୍‌ନିକ୍‌ରେ ରହିଛି ଅଭୂତପୂର୍ବ ସାମଞ୍ଜସ୍ୟ । ଉଭୟ ସଚ୍ଚିଦାନନ୍ଦଙ୍କ କାବ୍ୟଗତ କଳାତ୍ମକ ସାମଞ୍ଜସ୍ୟ ହିଁ ଆଲୋଚ୍ୟ ଅନୁସନ୍ଧାନର ପ୍ରମୁଖ ଲକ୍ଷ୍ୟ । ସେମାନଙ୍କ ସମଭାବଧର୍ମୀ ଅନେକ ତଥ୍ୟ ଏବଂ ତତ୍ତ୍ୱ ଉପରେ ଆଲୋକପାତ କରିବାର ଏହା ଏକ ଆୟାସସାଧ୍ୟ ପୁଣି ସମୟ ସାପେକ୍ଷ ପ୍ରୟାସ ନିଶ୍ଚୟ ।

ଦୁଇ ସଚ୍ଚିଙ୍କ ବ୍ୟକ୍ତିତ୍ୱରେ ଥିବା ଆଦର୍ଶ ଓ ଆଭିମୁଖ୍ୟଗତ ସମାନତା ବାସ୍ତବିକ୍ କୌତୁହଳପୂର୍ଣ୍ଣ ମନେହୁଏ । ସେମାନଙ୍କ ସୂକ୍ଷ୍ମ ଅନ୍ତର୍ଦୃଷ୍ଟିସଂପନ୍ନ ମୌଳିକ ଚେତନା ତଥା ଶୈଳୀଗତ ନବୀନ ଦୃଷ୍ଟିଭଙ୍ଗୀ ଖୁବ୍ ପାଖାପାଖି । ତେବେ ଉଭୟଙ୍କ କାବ୍ୟିକ ସାମ୍ୟତା ପଛରେ ବହୁ ସାଧାରଣ-ଅସାଧାରଣ ବ୍ୟକ୍ତିତ୍ୱଙ୍କ ପ୍ରଭାବ, ସ୍ୱ-ଅନୁଭବର ପରିପକ୍ୱତା, ଅଧ୍ୟୟନ, ସାମାଜିକ ପରିବେଶ, ପାଶ୍ଚାତ୍ୟ ଶିକ୍ଷାଦୀକ୍ଷାର ପ୍ରଭାବ ସହିତ ଭାରତୀୟ ବିଶ୍ୱଦୃଷ୍ଟିର ତଦାତ୍ମ୍ୟବୋଧ ଉପଲବ୍ଧ ହୁଏ । ଆଧୁନିକ ହିନ୍ଦୀ ଏବଂ ଓଡ଼ିଆ ସାହିତ୍ୟରେ ପ୍ରାୟୋଗବାଦୀ ଧାରାର ମୂର୍ଦ୍ଧନ୍ୟ ସାହିତ୍ୟକାର ଶ୍ରୀ ସଚ୍ଚିଦାନନ୍ଦ (ଅଜ୍ଞେୟ) (୧୯୧୧-୧୯୮୭) ତଥା ଓଡ଼ିଆ ସାହିତ୍ୟର ବହୁମୁଖୀ ପ୍ରତିଭାସଂପନ୍ନ-ଯଶସ୍ୱୀ କବି ସଚ୍ଚି ରାଉତରାୟ (୧୯୧୫-୨୦୦୪) ଅଦ୍ୱିତୀୟ-ଅନତିକ୍ରମ୍ୟ ବ୍ୟକ୍ତିତ୍ୱ । ଆଧୁନିକ ହିନ୍ଦୀ ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା ଭାରତେନ୍ଦୁ ହରିଶ୍ଚନ୍ଦ୍ରଙ୍କ

ପରେ ଓଡ଼ିଆରେ କବିବର ରାଧାନାଥ ରାୟ, ପରେ ଉଭୟ ସଚ୍ଚିବାବୁ ପ୍ରୟୋଗବାଦୀ କାବ୍ୟଧାରାର ଯଥାର୍ଥ ବାର୍ତ୍ତାବହ ସାଜିଛନ୍ତି । ଉଭୟେ ଆଧୁନିକ କାବ୍ୟ ସାହିତ୍ୟରେ ନୂତନତା ଏବଂ ପ୍ରଗତିବାଦର ଅଗ୍ରଦୂତ ପୁଣି ନୂତନ ପରୀକ୍ଷା-ନିରୀକ୍ଷାର ମାନ୍ତ୍ରିକ ମଧ୍ୟ ।

ପାଶ୍ଚାତ୍ୟର ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୮) ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୪୫) ପ୍ରଭାବୀ ପରିବର୍ତ୍ତନଶୀଳ ପୃଷ୍ଠଭୂମି ଉପରେ ଭାରତୀୟ ଆଧୁନିକ ସାହିତ୍ୟ ଦଣ୍ଡାୟମାନ । ପୃଥିବୀ ପରିବର୍ତ୍ତନ ସହିତ ୟୁରୋପୀୟ କାବ୍ୟାଦର୍ଶ ଦ୍ୱାରା ପ୍ରଭାବିତ କବିଗଣ ପାରମ୍ପରିକ କବିତାର ଧାରାଠୁ ନିଜକୁ ମୁକ୍ତ କରି ନୂତନ ସୌନ୍ଦର୍ଯ୍ୟବାଦୀ ଦୃଷ୍ଟିକୋଣକୁ ଉପସ୍ଥାପିତ କରିଛନ୍ତି । ଊନବିଂଶ ଶତାବ୍ଦୀର ରାଷ୍ଟ୍ର ସ୍ୱାଧୀନତା, ଅଷ୍ଟ୍ରିୟା-ଋଷୀୟ ଶିଳ୍ପ ବିପ୍ଳବ, ଫ୍ରାନ୍ସ ବିପ୍ଳବ, ସାମାଜିକ ଅବକ୍ଷୟମାଣ ଜୀବନ, ଶୋଷଣ, ଅନ୍ୟାୟ, ଅନୀତି, ରକ୍ତପାତ, ପରମାଣବିକ ଆଶଙ୍କାଜନିତ ଉଦ୍‌ବେଗ, ଆର୍ଥନୀତିକ ବୈଷମ୍ୟ, ଅଭାବବୋଧ, ମୃତ୍ୟୁଭୟ, କ୍ଷୟିଷ୍ଣୁ ମୂଲ୍ୟବୋଧ, ଶ୍ରେଣୀ ସଂଘର୍ଷ, ହିଂସା, ଦ୍ୱେଷ, ବିଦ୍ରୋହ ଆଦି ବିଖଣ୍ଡିତ ଯୁଗୀୟ ଭାବଧର୍ମ ଭିତରେ କବିତାର ସୌନ୍ଦର୍ଯ୍ୟକୁ ନୂତନ ଚମକ ଦେବାର ପ୍ରୟାସ ହିଁ ଦୁଇ ସଚ୍ଚିଦାନନ୍ଦଙ୍କୁ ବିଶିଷ୍ଟ କବି ରୂପେ ପରିଚିତି ପ୍ରଦାନ କରିଛି । ସାହିତ୍ୟଧାରାର ପ୍ରବାହରେ ଭିନ୍ନ ଭିନ୍ନ ଚେତନାକୁ ସେମାନେ ନିଜ ସୃଷ୍ଟିରେ ନିଷ୍ଠାପର ଭାବେ ଉଜ୍ଜୀବିତ କରିଛନ୍ତି ।

କବି ଅଜ୍ଞେୟ ଏବଂ ସଚ୍ଚି ରାଉତରାୟଙ୍କ ସାହିତ୍ୟର ଆରମ୍ଭିକ ପର୍ଯ୍ୟାୟରେ କିଛି ଛାୟାବାଦୀ (ସବୁଜ), କିଛି ପ୍ରଗତିବାଦୀ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରୟୋଗବାଦୀ, ତଥା ପରିଶେଷରେ ନୂତନ କବିତା ଅନ୍ତର୍ଗତ ସୃଷ୍ଟି ରହିଛି । ପ୍ରେମ, ରହସ୍ୟ, ଆବେଗ, ସ୍ୱପ୍ନପ୍ରବଣତା, ମାଟିପ୍ରୀତି, ପଲ୍ଲୀପ୍ରୀତି, ପ୍ରକୃତିପ୍ରୀତି, ରୂପତୃଷ୍ଣା, ଅତୀତ ମୋହ ଏବଂ ସୌନ୍ଦର୍ଯ୍ୟ ପିପାସା ଆଦି କାବ୍ୟଲକ୍ଷଣ ପରିବର୍ତ୍ତିତ ହୋଇ ମାନବାବଦ, ସମାଜବାଦ, ମାର୍କ୍ସୀୟ-ବିଜ୍ଞାନବାଦ, ଆଦର୍ଶବାଦ, ଜାତୀୟବୋଧ, ବ୍ୟକ୍ତି-ସ୍ୱାତନ୍ତ୍ର୍ୟବୋଧ, ଆତ୍ମମୁଖୀନତା, ଯୁଗୀୟ-ଯନ୍ତ୍ରଣାବୋଧ, ଜୀବନପ୍ରତି ବିଦ୍ରୂପ, ବାସ୍ତବତା ପ୍ରତି ଅବିଶ୍ୱାସ, ସହରୀ ସଭ୍ୟତା ପ୍ରତି ମୋହଭଙ୍ଗ, ଗ୍ରାମୀଣ ଜୀବନପ୍ରତି ଆସ୍ଥାର ସ୍ୱର, ଯଥାର୍ଥ ପ୍ରତି ଆସକ୍ତି, ସହଜ ପ୍ରେମା ଭିବ୍ୟକ୍ତି, ରୋମାଣ୍ଟିକ୍ କଳ୍ପନାବୋଧ, ପ୍ରକୃତିପ୍ରେମ, ବ୍ୟକ୍ତିତ୍ୱର ସ୍ଥାପନା, ସାମାଜିକ ଚେତନାର ଅଭିବ୍ୟଞ୍ଜନା, ଆଧୁନିକତା ପ୍ରତି ଆଗ୍ରହ, ଅହଂବାଦୀ ପ୍ରବୃତ୍ତି ତଥା ପରିଷ୍କାର ବ୍ୟଙ୍ଗାଦି ଲକ୍ଷଣ ଅନ୍ତର୍ଭୁକ୍ତ ହୋଇ ବୈବିଧ୍ୟପୂର୍ଣ୍ଣ ତଥା ବୌଦ୍ଧିକ ମନେ ହୋଇଛି । ହିନ୍ଦୀ ଓଡ଼ିଆ ସାହିତ୍ୟରେ ବାସ୍ତବିକ୍ ଉଭୟଙ୍କ ପ୍ରୟୋଗବାଦୀତାର ବିକଳ୍ପ ନାହିଁ । ପ୍ରୟୋଗବାଦୀ କବି ଅଜ୍ଞେୟ ଏବଂ ସଚ୍ଚିବାବୁଙ୍କ କବିତାର ନୂତନ କାବ୍ୟଶୈଳୀ ଅତ୍ୟନ୍ତ ସବୁଜ । ଅଭିନବ ରୂପକଳ୍ପ, ବିମ୍ବଧର୍ମୀତା, ଭାବାଶ୍ରୟୀ ଉପମା, ପ୍ରତୀକ, ନୂତନ ଐନ୍ଦ୍ରଜାଲିକ ଶବ୍ଦାଦିର ସୂକ୍ଷ୍ମ ନିଖୁଣ ପ୍ରୟୋଗ ଦ୍ୱାରା ସେମାନେ ଆଧୁନିକ ପ୍ରୟୋଗବାଦକୁ ଏକ ନୂତନ ପରିଚୟ ଓ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛନ୍ତି । ଯେଉଁଠି ହିନ୍ଦୀ କବି ଅଜ୍ଞେୟ ନିଜ କବିତାରେ ଅତୁକାନ୍ତ ଏବଂ ମୁକ୍ତଛନ୍ଦର ପ୍ରୟୋଗକୁ ଗୁରୁତ୍ୱପ୍ରଦାନ କରିଛନ୍ତି, ଅନୁରୂପ ଭାବରେ କବି ସଚ୍ଚି ରାଉତରାୟ ମଧ୍ୟ ଗଦ୍ୟ ସହିତ କାବ୍ୟରୀତିର ସମନ୍ୱୟ କରି ଆଧୁନିକ କବିତାର ଆଙ୍ଗିକ ସୌନ୍ଦର୍ଯ୍ୟକୁ ଏକ ନୂଆ ପରିଭାଷା ପ୍ରଦାନ କରିଛନ୍ତି । ଏହି ନୂତନ ଭାବଧର୍ମର ପ୍ରୟୋଗ କ୍ଷେତ୍ରରେ ଉଭୟେ ପାଶ୍ଚାତ୍ୟ କାବ୍ୟଗୁରୁ ଟି.ଏସ୍. ଇଲିୟଟି, ଏଜରାପାଉଣ୍ଡ, ଟି.ଇ. ହ୍ୟୁମ୍, ଆମି ଲୋୟେଲ୍, ଅଡ଼େନ୍, ସ୍ପେଣ୍ଡର୍, ମାୟକୋଭସ୍କି, ଲାଟ୍‌କ୍ରେନ୍, ବଦ୍‌ଲେୟାର୍, ମାଲାର୍ମେ ପ୍ରଭୃତି ୟୁରୋପୀୟ ସାହିତ୍ୟିକଙ୍କ ପ୍ରଭାବରେ ପ୍ରଭାବିତ ହୋଇଛନ୍ତି ।

ସେତେବେଳକୁ ପାଶ୍ଚାତ୍ୟର ଚିତ୍ରଶିଳ୍ପୀ ପିକାଶୋଙ୍କ 'ବ୍ଲୁ ଅରିଅଡ୍', 'ଗର୍‌ନିକା', ଇଲିୟଟ୍‌ଙ୍କ 'ଫୋର୍ କ୍ୱାର୍ଟର୍', 'ୱେଷ୍ଟ୍‌ଲ୍ୟାଣ୍ଡ', ବୋଦଲେୟାର୍‌ଙ୍କ 'ଦ ଫ୍ଲାୱାର ଅଫ୍ ଇଭିଲ୍', ଋଷୀୟ କବି ଆଲୋକ୍‌ଜାଣ୍ଡାରଙ୍କ 'ବ୍ଲକ୍' ଆଦି ସମୁଚ୍ଚ କୃତି ସହିତ କବି ଗେଟେ, ରିଲ୍‌କେ, ରିଚାର୍ଡସ୍, ମେଲାର୍ମେ, ଜୟେସ୍, କଲେରିଜ୍, ସିଲର ରିଲ୍‌ବେ, ୱର୍ଡସୱର୍ଥ, ଆଁଦ୍ରେ, ମାଲ୍‌ରୋଁ, ଦେକାର୍ତ୍ତେ, କାମ୍ୟୁ ଆଦି ବିଶିଷ୍ଟ କବିମାନଙ୍କର ରାଶି ରାଶି ସୃଷ୍ଟି ସଂପୂର୍ଣ୍ଣ ବିଶ୍ୱସ୍ତରରେ ପ୍ରଭାବ ବିସ୍ତାର କରିଥିଲା । କାର୍ଲମାର୍କ୍ସ ଏବଂ ଫ୍ରୟେଡ୍‌ଙ୍କ ପ୍ରଭାବରେ ସଂପୂର୍ଣ୍ଣ ବିଶ୍ୱସାହିତ୍ୟ ସାମ୍ୟବାଦ ଓ ମନସ୍ତାତ୍ତ୍ୱିକ ମୂଲ୍ୟବୋଧକୁ ଏକ ସ୍ୱତନ୍ତ୍ର ଦୃଷ୍ଟି ନେଇ ଅବଲୋକନ କରିଥିଲା । ବ୍ୟକ୍ତିଗତ ବିଶ୍ୱାସ ଓ ପ୍ରେମକୁ ନେଇ ଫିଲିପ୍, ଲାର୍‌କନ୍, ରବର୍ଟ ଲେୱେଲ୍, ଆନିସେକ୍ସଟନ୍, ଜର୍ଜବାର୍କର ତଥା ଡବ୍ଲ୍ୟୁ.ଏସ୍. ଗ୍ରାହାମ୍ ଆଦିଙ୍କ ସାହିତ୍ୟକୃତି ସଂପୂର୍ଣ୍ଣ ଜଗତକୁ ପ୍ରଭାବିତ କରିଥିଲା । ବିଶ୍ୱସ୍ତରୀୟ ଏହି କାବ୍ୟିକ ପରୀକ୍ଷାନିରୀକ୍ଷାକୁ ଦୁଇ ସଚ୍ଚିବାବୁ ନିଜ କୃତିମାନଙ୍କରେ ଅତି ନିଚ୍ଛକ ଭାବରେ ସ୍ୱୀକୃତି ଓ ପ୍ରତିଷ୍ଠା ପ୍ରଦାନ କରିଛନ୍ତି ।

ହିନ୍ଦୀକବି ଅଜ୍ଞେୟଙ୍କ ଉପରେ ଆନନ୍ଦ କୁମାର ସ୍ୱାମୀଙ୍କ ଚିନ୍ତନ, ରାମକୃଷ୍ଣ ପରମହଂସଙ୍କ ଅନୁଭବ, ବିବେକାନନ୍ଦଙ୍କ ଉତ୍ସର୍ଗ, କବୀରଙ୍କ ବୌଦ୍ଧିକ ପ୍ରଖରତା, ମୀରାଙ୍କ ଏକନିଷ୍ଠ ଭାବ ଏବଂ ସୁରଦାସଙ୍କ ସହଜ ତଥା ବ୍ୟାପକ ସୌନ୍ଦର୍ଯ୍ୟବୋଧର ଅତ୍ୟଧିକ ପ୍ରଭାବ ପଡ଼ିଥିଲା । ଏହାଛଡ଼ା ସ୍ୱର୍ଗୀୟ ମାନବେନ୍ଦ୍ର ରାୟଙ୍କ ମାନବବାଦୀ ଦୃଷ୍ଟିକୋଣ, ଅସ୍ତିତ୍ୱବୋଧ, କାଳବଦ୍ଧ ଚେତନା ରୂପେ ନୁହେଁ ବରଂ ଦେଶବଦ୍ଧ ଚେତନା ରୂପେ ଅଜ୍ଞେୟଙ୍କୁ ଅନେକାଂଶରେ ପ୍ରଭାବିତ କରିଥିଲା ।

ଓଡ଼ିଆ କବି ସଚ୍ଚି ରାଉତରାୟ ମଧ୍ୟ ନିଜ ସମୟର ବହୁ ବରେଣ୍ୟ ବ୍ୟକ୍ତିତ୍ୱଙ୍କ ସଂସ୍ପର୍ଶରେ ଆସିଥିଲେ । ରାୟକୃଷ୍ଣ ଦାସ, ରାଧାନାଥ, ମହାତ୍ମାଗାନ୍ଧୀ ତଥା ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ଭଳି ମହାନ୍ ବ୍ୟକ୍ତିତ୍ୱଙ୍କ ପ୍ରଭାବ ହେତୁ ସଚ୍ଚିବାବୁଙ୍କ ସାହିିତ୍ୟର କଳା-ନୈପୁଣ୍ୟ ସଂସ୍କାରିତ ହୋଇଥିବା ସେ ସ୍ୱୀକାର କରିଛନ୍ତି । ଉଭୟେ ସମାଜର ସାଧାରଣ ମଣିଷଙ୍କୁ ନେଇ ଅସାଧାରଣ କରି ଗଢି ତୋଳିବାରେ ସାମାନ୍ୟ କାର୍ପଣ୍ୟ ଦେଖାଇ ନାହାନ୍ତି । ଏ ଦୃଷ୍ଟିରୁ ଉଭୟେ ଜୀବନବାଦୀ-ମାନବବାଦୀ କବି ଥିଲେ ।

ହିନ୍ଦୀ କବି ଅଜ୍ଞେୟ ଏବଂ ସଚ୍ଚିବାବୁଙ୍କ ସାହିତ୍ୟିକ ବାତାବରଣ ଭିନ୍ନ ଏବଂ ଆର୍ବିଭାବ ସମୟ ଭିତରେ ମାତ୍ର ୫ ବର୍ଷର ବ୍ୟବଧାନ ରହିଛି । କିନ୍ତୁ ଉଭୟଙ୍କ ସାଧନାର ଆଭିମୁଖ୍ୟ ସମଧର୍ମୀ । ଉଭୟେ ସାହିତ୍ୟର ବିବିଧ ବିଭାଗରେ ଲେଖନୀ ଚାଳନା କରିଛନ୍ତି । କାବ୍ୟ, ଉପନ୍ୟାସ, ଗଳ୍ପ, ସମାଲୋଚନା, ଗୀତିନାଟ୍ୟ, ସଂପାଦନା ଆଦି ଅସଂଖ୍ୟ ରଚନା ଦ୍ୱାରା ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ।

ହିନ୍ଦୀକବି ଅଜ୍ଞେୟଙ୍କ କାବ୍ୟଗୁଡ଼ିକ ହେଲା – 'ଭଗ୍ନଦୂତ' (୧୯୩୩), 'ଚିନ୍ତା' (୧୯୪୨), 'ଇତ୍ୟଲମ୍' (୧୯୪୬), 'ହରୀ ଘାସ୍ ପର କ୍ଷଣ ଭର୍' (୧୯୪୯), 'ବାବ୍‌ରା ଅହେରୀ' (୧୯୫୪), 'ଇନ୍ଦ୍ରଧନୁ ରୌଁନ୍ଦେ ହୁଏ ୟେ' (୧୯୫୭), 'ଅରୀ ଓ କରୁଣା ପ୍ରଭାମୟ' (୧୯୫୯), 'ଆଙ୍ଗନ୍ କେ ପାର୍-ଦ୍ୱାର୍' (୧୯୬୧), 'କିତ୍‌ନି ନାବୋଁ ମେଁ କିତ୍‌ନି ବାର୍' (୧୯୬୭),

'ସୁନ୍‌ହେଲେ ଶୈବାଲ୍' (୧୯୬୫), 'କ୍ୟୌଁ କି ମୈଁ ଉସେ ଜାନ୍‌ତା ହୁଁ' (୧୯୬୯), 'ସାଗର୍ ମୁଦ୍ରା' (୧୯୭୦), 'ମହାବୃକ୍ଷ କେ ନିଚେ'(୧୯୭୭), 'ପହଲେ ମୈଁ ସନ୍ନାଟା ବୁନ୍‌ତା ହୁଁ' (୧୯୭୩), 'ନଦୀକେ ବାଁକ୍ ପର୍ ଛାୟା (୧୯୮୨) ଇତ୍ୟାଦି ।

ଉପନ୍ୟାସ : 'ଶେଖର୍': ଏକ୍ ଜୀବନୀ (୧୯୪୧-୪୨), 'ନଦୀ କେ ଦ୍ୱୀପ' (୧୯୫୨), 'ଅପ୍‌ନେ-ଅପ୍‌ନେ ଅଜ୍‌ନବୀ' (୧୯୬୧)

**କାହାଣୀ ସଂଗ୍ରହ:** 'ବିପଥଗା', 'ପରମ୍ପରା', 'କୋଠରୀ କି ବାତ୍', 'ଶରଣାର୍ଥୀ', 'ୟେ ତେରେ ପ୍ରତି ରୂପ୍' ଆଦି ।

**ଗୀତିନାଟ୍ୟ :** 'ଉତ୍ତର ପ୍ରିୟଦର୍ଶୀ' (୧୯୬୭)

**ନିବନ୍ଧ ସଂଗ୍ରହ:** ତ୍ରିଶଙ୍କୁ, ଆତ୍ମନେପଦ, ହିନ୍ଦୀ ସାହିତ୍ୟ : ଏକ ଆଧୁନିକ୍ ପରିଦୃଶ୍ୟ, ସବ୍‌ରଙ୍ଗ ଔର କୁଛ ରାଗ୍, ଭବନ୍ତୀ, ଅନ୍ତରା, ଲିଖି କାଗଦ୍ କୋରେ, ଜୋଗ ଲିଖି, ଅଧ୍ୟତନ, ଆଲବାଲ୍, ସଂବତ୍ସର, ସ୍ରୋତ ଔର ସେତୁ, ଶାଶ୍ୱତୀ, ବ୍ୟକ୍ତି ଔର ବ୍ୟବସ୍ଥା, ସ୍ମୃତିଲେଖା, ଆତ୍ମପରକ, ସର୍ଜନା ଔର ସନ୍ଦର୍ଭ ଆଦି ।

**ଯାତ୍ରାବୃତ୍ତ:** ଅରେ ଯାଯାବର ରହେଗା ୟାଦ୍, ଏକ୍ ବୁନ୍ଦ୍ ସହସା ଉଛଲି ।

**ଅନୁବାଦ:** ତ୍ୟାଗପତ୍ର (ଜୈନେନ୍ଦ୍ର), ଶ୍ରୀକାନ୍ତ (ଶରତଚନ୍ଦ୍ର), ଉପନ୍ୟାସର ଇଂରାଜୀରେ ଅନୁବାଦ ଇତ୍ୟାଦି ।

**ସଂପାଦିତ ଗ୍ରନ୍ଥ:** ଆଧୁନିକ ହିନ୍ଦୀ ସାହିତ୍ୟ, ତାରସପ୍ତକ, ଦୁସ୍‌ରା ସପ୍ତକ୍, ତୌଥା ସପ୍ତକ, ପୁଷ୍କରିଣୀ, ହିନ୍ଦୀ କି ପ୍ରତିନିଧି କହାନିୟାଁ, ରୂପାମ୍ବରା ଇତ୍ୟାଦି ପତ୍ରିକା ସଂପାଦନ କ୍ଷେତ୍ରରେ ପ୍ରତୀକ, ଦିନମାନ, ସୈନିକ ବିଶାଳ ଭାରତ ଆଦି ଉଲ୍ଲେଖଯୋଗ୍ୟ।

ଅଜ୍ଞେୟ ଖୁବ୍ ସ୍ୱଳ୍ପ ଗଳ୍ପର ରଚୟିତା ହୋଇଥିଲେ ମଧ୍ୟ ହିନ୍ଦୀ କାହାଣୀ ସାହିତ୍ୟକୁ ଆଧୁନିକତାର ନୂଆ ପରିଚୟ ପ୍ରଦାନ କରିଛନ୍ତି ।

ଯଶସ୍ୱୀ କବି ସଚ୍ଚିରାଉତରାୟ ଅଜସ୍ରସ୍ରାବୀ ରଚନା ଭିତରେ ରହିଛି ଅସଂଖ୍ୟ କବିତା, ଗଳ୍ପ, ସମାଲୋଚନା, ଆତ୍ମଜୀବନୀ ଆଦି ।

**କବିତା** : ପାଥେୟ (୧୯୩୨), ପୂର୍ଣ୍ଣିମା (୧୯୩୩), 'ପଲ୍ଲିଶ୍ରୀ' (୧୯୩୪), 'ଅଭିଯାନ' (୧୯୩୭-୩୮), 'ବାଜିରାଉତ' (୧୯୩୮), 'ପାଣ୍ଡୁଲିପି' (୧୯୪୭), 'କବିତା' (୧୯୬୨) ଆଦି ।

**ଗଳ୍ପ** : 'ମଶାଣୀର ଫୁଲ', 'ମାଟିର ତାଜ୍', 'ଛାଇ', 'ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ' ନୂତନ ଗଳ୍ପ ଆଦି ।

**ଉପନ୍ୟାସ :** 'ଚିତ୍ରଗ୍ରୀବ'

ସମାଲୋଚନା : ସାହିତ୍ୟ ବିଚାର, ସାହିତ୍ୟରେ ମୂଲ୍ୟବୋଧ, ଆଧୁନିକ ସାହିତ୍ୟ ଇତ୍ୟାଦି ।

**ଆତ୍ମଜୀବନୀ :** ଉତ୍ତରକକ୍ଷ

ଦୁଇ ସଚ୍ଚିବାବୁଙ୍କ ଜୀବନବ୍ୟାପୀ-ନିରବଚ୍ଛିନ୍ନ ସାଧନା ନିମନ୍ତେ ମର୍ଯ୍ୟାଦାଜନକ **ଭାରତୀୟ** ଜ୍ଞାନପୀଠ ପୁରସ୍କାର, ସାହିତ୍ୟ ଏକାଡ଼େମୀ ପୁରସ୍କାର ସହିତ ବହୁ ସମ୍ମାନର ଅଧିକାରୀ ହୋଇଛନ୍ତି । କବି ଅଜ୍ଞେୟଙ୍କୁ ୧୯୬୪ରେ 'ଅଙ୍ଗନ କେ ପାର୍ ଦ୍ୱାର' **ପାଇଁ** ସାହିତ୍ୟ ଏକାଡ଼େମୀ ପୁରସ୍କାର, ୧୯୮୦ରେ 'କିତ୍‌ନି ନାବୋ ମେଁ କିତ୍‌ନି ବାର୍' ପାଇଁ ଜ୍ଞାନପୀଠ ପୁରସ୍କାର, ୧୯୮୩ରେ ଇଣ୍ଟର ନ୍ୟାସ୍‌ନାଲ ପୋଏଟ୍ରି ଆୱାର୍ଡ, ହିନ୍ଦୀ ସାହିତ୍ୟ ସମ୍ମିଳନୀ ତରଫରୁ 'ସାହିତ୍ୟ ବାଚସ୍ପତି' ସମ୍ମାନରେ ସେ ସମ୍ମାନିତ ହୋଇଛନ୍ତି । କବି ଅଜ୍ଞେୟ ୧୯୭୧ରେ ବିକ୍ରମ ବିଶ୍ୱବିଦ୍ୟାଳୟରୁ ସମ୍ମାନ ସୂଚକ ଡି.ଲିଟ୍. ଡିଗ୍ରୀ ପ୍ରାପ୍ତ କରିଛନ୍ତି ।

ସଚ୍ଚି ରାଉତରାୟ ମଧ୍ୟ ୧୯୬୧ରେ 'ପଦ୍ମଶ୍ରୀ ସମ୍ମାନ', ୧୯୬୪ରେ 'କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର', ୧୯୮୬ରେ 'ସୋଭିଏତ୍ ଦେଶ ନେହେରୁ ପୁରସ୍କାର', ୧୯୮୬ରେ 'ମହାକବି' ସମ୍ମାନରେ ସମ୍ମାନିତ ହୋଇଛନ୍ତି । କବି ସଚ୍ଚିରାଉତରାୟ ଆନ୍ଧ୍ର ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମ୍ମାନ ସୂଚକ ଡ଼ିଗ୍ରୀ ପ୍ରାପ୍ତ କରିଛନ୍ତି । ଉଭୟ ସାହିତ୍ୟିକ ଯାଯାବର ଭଳି ଅସଂଖ୍ୟ ଦେଶ-ବିଦେଶ ଯାତ୍ରା କରିଛନ୍ତି । ବିଦେଶ ଯାତ୍ରାର ଅସ୍ଥିରତା ଭିତରେ ମଧ୍ୟ ଚିରନ୍ତନ ସାହିତ୍ୟ ସାଧନା, ବିଭିନ୍ନ ସେମିନାର୍‌ରେ ଯୋଗଦାନକୁ ଗୁରତ୍ୱ ପ୍ରଦାନ କରିଥିଲେ । ଏହି ଭ୍ରାମ୍ୟମାଣ ଜୀବନଶୈଳୀ ହିଁ ଉଭୟଙ୍କୁ ଅନୁଭୂତିସିଦ୍ଧ କରିଛି । ବିଦେଶ ରହଣିକାଳୀନ ଜୀବନଚର୍ଯ୍ୟା ଭିତରେ ମାଟି-ଜାତି-ଦେଶ ପ୍ରତି ଐକାନ୍ତିକ ଆକର୍ଷଣ, ମୋହ ଓ ଆସକ୍ତି ତାଙ୍କର ସାହିତ୍ୟକୁ ମାଟିମନସ୍କ କରିଛି । ଉଭୟେ କବି ନିଜର କ୍ରାନ୍ତିକାରୀ ଜୀବନଶୈଳୀ ଯୋଗୁଁ ବହୁବାର ଜେଲ୍‌ଦଣ୍ଡ ଭୋଗିଛନ୍ତି, କାରାଗାରର କାଳକୋଠରୀରେ ଆତ୍ମମନ୍ଥନ କରିଛନ୍ତି । ଶାରୀରିକ ଯନ୍ତ୍ରଣା, ଆତ୍ମପୀଡ଼ା, ସ୍ୱପ୍ନଭଂଗ ଭିତରେ ଉଭୟ ସଚ୍ଚିଙ୍କ ଚେତନାର ସ୍ତର ଛାୟା ବନାମ୍ ସବୁଜ ଚେତନାରୁ ପ୍ରଗତି ଅଭିମୁଖୀ ହୋଇଛି । ତେବେ ଉଭୟଙ୍କ କବିକର୍ମ ବହୁମୁଖୀ ହେବା ପଛରେ ଉଭୟ ବୈବିଧ୍ୟପୂର୍ଣ୍ଣ ଜୀବନ ପର୍ଯ୍ୟାୟ ହିଁ ଉତ୍ତରଦାୟୀ ।

ଯୁଗାନ୍ତକାରୀ କାବ୍ୟସଂକଳନ 'ତାରସପ୍ତକ' (୧୯୪୩) ଜରିଆରେ ହିନ୍ଦୀ ପ୍ରୟୋଗବାଦର ପୁରୋଧା ଶ୍ରୀ ସଚ୍ଚିଦାନନ୍ଦ ହୀରାନନ୍ଦ ବାତ୍ସ୍ୟାୟନ (ଅଜ୍ଞେୟ) ଏବଂ 'ପାଣ୍ଡୁଲିପି' (୧୯୪୭) ଜରିଆରେ ଆଧୁନିକ ଓଡ଼ିଆ ସାହିତ୍ୟର ଯଶସ୍ୱୀ କବି ଶ୍ରୀ ସଚ୍ଚିରାଉତରାୟ ନୂତନ କବିତାର ଆଙ୍ଗିକକୁ ନୂତନ ବର୍ଣ୍ଣବିଭାରେ ମଣ୍ଡିତ କରିଛନ୍ତି ଉଭୟେ କବିମାନଙ୍କର କବି । ଅଜସ୍ର ସେମାନଙ୍କ ସୃଷ୍ଟି ଏବଂ ଅନନ୍ୟ ଉଭୟଙ୍କ ସାହିତ୍ୟ ସାଧନା । କେବଳ ପରିମାଣ ଦୃଷ୍ଟିରୁ ନୁହେଁ, ବରଂ ଗୁଣାତ୍ମକ ଆଭିମୁଖ୍ୟ ଦୃଷ୍ଟିରୁ ଆଧୁନିକ ହିନ୍ଦୀ-ଓଡ଼ିଆର ସାରସ୍ୱତ ଭଣ୍ଡାରକୁ ଉଭୟେ ଋଦ୍ଧିମନ୍ତ କରିଛନ୍ତି । କବି ଅଜ୍ଞେୟ ସାତଜଣ କବିଙ୍କ ବକ୍ତବ୍ୟ ଏବଂ କବିତା ଉପରେ ଦୀର୍ଘ ଭୂମିକା ସହିତ 'ତାରସପ୍ତକ'କୁ ସଂପାଦନା କରି ପ୍ରୟୋଗଶୀଳ କବିତାର ପରିଭାଷାକୁ ହିଁ ଏକ ସ୍ୱତନ୍ତ୍ର କଳାତ୍ମକ ପରିଚିତି ପ୍ରଦାନ କରିଥିଲେ । ଅଜ୍ଞେୟଙ୍କ ସମଗ୍ର କାବ୍ୟ 'ସଦାନୀରା' (୧ମ/୨ୟ ଖଣ୍ଡ) ନାମରେ ସଂକଳିତ ହୋଇଛି । ତେବେ ଉଭୟଙ୍କ ସୃଷ୍ଟିରେ "କବିତା ଶୈଳୀର ନବ୍ୟ ପ୍ରକରଣ ସଂଗ୍ରାମୀ ଭାଷାର, ବୈଚିତ୍ର୍ୟ, ସଂଘର୍ଷ ବିଷୟବସ୍ତୁ, ଗଣସଂସ୍କୃତି ପ୍ରତି ଆନ୍ତରିକତା, ଆଙ୍ଗିକ ଓ ଆତ୍ମିକ ପ୍ରଖ୍ୟାଳନରେ ସଂପୂର୍ଣ୍ଣ ଅଭିନବତ୍ୱର ବିପୁଳ ସମାବେଶ ।" (ସଚ୍ଚି ରାଉତରାୟ, ଗ୍ରନ୍ଥାବଳୀ, ପ୍ରଥମଖଣ୍ଡ) 'ତାରସପ୍ତକ' ଏବଂ 'ପାଣ୍ଡୁଲିପି'ରେ ଉଚ୍ଚକୋଟୀର ସୃଜନ ସାମର୍ଥ୍ୟ, ପ୍ରଖର ବିଚାରଶକ୍ତି ସହିତ ରଚନାତ୍ମକ ସମ୍ଭାବନା ଅତି ନିଖୁଣ ଭାବରେ ବ୍ୟବସ୍ଥିତ ହୋଇଛି ।

ହିନ୍ଦୀ କବି ସଚ୍ଚିଦାନନ୍ଦଙ୍କ ନାମରେ ଥିବା ଭଣୋତ, ବ୍ରତୋପନୟନ ପରେ 'ବାତ୍ସ୍ୟାୟନ'ରେ ଏବଂ ପରବର୍ତ୍ତୀ ସମୟରେ ତାଙ୍କର କ୍ରାନ୍ତିକାରୀ ସ୍ୱଭାବ ଯୋଗୁଁ ଜେଲ୍‌ରେ ଥିବା ସମୟରେ ପ୍ରେମ୍‌ଚାନ୍ଦଙ୍କ ଦ୍ୱାରା 'ଅଜ୍ଞେୟ' ନାମରେ ନାମିତ ହୋଇଛି । ଅଜ୍ଞେୟଙ୍କ କ୍ରାନ୍ତିକାରୀ ଜୀବନ ୧୯୨୯-୧୯୩୬ ଯାଏଁ ସକ୍ରିୟ ଥିଲା । ଦିଲ୍ଲୀ ଜେଲ୍‌ର କାରାଗାରରେ ରହି ସେ ଛାୟାବାଦ,

ମନୋବିଜ୍ଞାନ, ରାଜନୀତି, ଅର୍ଥଶାସ୍ତ୍ର ଓ କାନୁନ୍ ଉପରେ ବହୁ ଅଧ୍ୟୟନ କରିଥିଲେ । ୧୯୩୪ ମସିହାରେ ଜେଲ୍‌ରୁ ମୁକ୍ତ ହୋଇ 'କୋଠରୀ କି ବାତ୍' ଏବଂ 'ଚିନ୍ତା' କବିତା ରଚନା କରିଥିଲେ । ଛାୟାବାଦର ରୂପଜ ପ୍ରେମ ଓ ତୃଷ୍ଣାର ପ୍ରଭାବ ଏହି ସମୟର ରଚନାରେ ଅନୁଭୂତ ହୁଏ । ୧୯୪୨ ବେଳକୁ ଅଜ୍ଞେୟ ଦିଲ୍ଲୀରେ ଅଖିଳ ଭାରତୀୟ ଫାସିଷ୍ଟ ବିରୋଧୀ ସମ୍ମିଳନୀର ଆୟୋଜନ କରି ପ୍ରଗତିଶୀଳ ଲେଖକ ସଂଘର ଏକ ନୂତନ ରୂପ ପ୍ରତିଷ୍ଠା କରିଥିଲେ । ୧୯୪୩ ବେଳକୁ କବି ଅଜ୍ଞେୟ ଫାସିଷ୍ଟ ବିରୋଧୀ ଯୁଦ୍ଧରେ ସାମିଲ୍ ହୋଇଥିଲେ । ଏକ ପାଶ୍ୱର୍ରେ ରାଜନୀତିକ ପରିବେଶଜନିତ କଠୋରତା, ଅନ୍ୟ ପାଶ୍ୱର୍ରେ ବ୍ୟକ୍ତିଗତ ଜୀବନର କୋମଳ ସମ୍ବେଦନା ଭିତରେ ୧୯୪୫ ବେଳକୁ 'ଭଗ୍ନଦୂତ', 'ଚିନ୍ତା' ଏବଂ 'ଇତ୍ୟଲମ୍' କବିତା ସଂଗ୍ରହ ରଚନା କରିସାରିଥିଲେ । 'ବିପଥଗା', 'ପରମ୍ପରା', 'କୋଠରୀ କି ବାତ୍' ଏବଂ ହିନ୍ଦୀ ଉପନ୍ୟାସ ସାହିତ୍ୟର କୀର୍ତ୍ତିସ୍ତମ୍ଭ ତୁଲ୍ୟ ଶେଖର : ଏକ ଜୀବନୀ ଉପନ୍ୟାସ ମଧ୍ୟ ପ୍ରକାଶଲାଭ କରିସାରିଥିଲା । ସେତେବେଳକୁ ଯୁଗାନ୍ତକାରୀ ସୃଷ୍ଟି 'ତାରସପ୍ତକ' ଜରିଆରେ ଅଜ୍ଞେୟ ପ୍ରୟୋଗବାଦୀ ଆନ୍ଦୋଳନର ସୂତ୍ରପାତ କରିସାରିଥିଲେ । 'ନୂତନ କବିତା'ର ପ୍ରାଣପ୍ରତିଷ୍ଠା ଦିଗରେ 'ତାରସପ୍ତକ' ଥିଲା ଏକ ଯୁଗୀୟ ମାଇଲ୍‌ଖୁଣ୍ଟ । ୧୯୪୫ ପରବର୍ତ୍ତୀ ସମୟରେ କବି 'ନୂତନ କବିତା'ର ଧାରାକୁ ଏକ ନୂତନ ମର୍ଯ୍ୟାଦା ପ୍ରଦାନ କରିସାରିଥିଲେ । ଅଜ୍ଞେୟ ନିଜର ସଂଘର୍ଷମୟ ଜୀବନ ଓ ବୌଦ୍ଧିକତାକୁ ଆଶ୍ରୟ କରି ମେରଠ୍‌ରେ 'ହିନ୍ଦୀ ସାହିତ୍ୟ ପରିଷଦ' ରଚନା କରିଥିଲେ । ୧୯୫୦-୧୯୫୨ ପର୍ଯ୍ୟନ୍ତ 'ପ୍ରତୀକ' ପତ୍ରିକା ଜରିଆରେ ପ୍ରୟୋଗବାଦୀ ଓ ନୂତନ କବିତାକୁ ଅଦ୍ୱିତୀୟ ସ୍ଥାନରେ ସ୍ଥାନିତ କରିଥିଲେ ।

ଅଜ୍ଞେୟଙ୍କ ବହୁଧାବିଭକ୍ତ କର୍ମମୟ ଜୀବନର ଏକ ପ୍ରମୁଖ ପର୍ଯ୍ୟାୟ ଥିଲା ଦେଶ-ବିଦେଶର ଯାତ୍ରା ଜୀବନ । ସେ ୧୯୫୨ -୧୯୫୫ ଭିତରେ ଭାରତର ବହୁସ୍ଥାନ ଭ୍ରମଣ କରିଥିଲେ । ପଶ୍ଚିମ ୟୁରୋପର ୟୁନେସ୍କୋ, ୧୯୫୭ରେ ଜାପାନ ଏବଂ ଫିଲିପିନ୍, ୧୯୫୭ରେ ବିୟତ୍‌ନାମ, ୧୯୬୦ରେ ଦ୍ୱିତୀୟ ଥର ୟୁରୋପ ଯାତ୍ରା, ୧୯୬୧-୧୯୬୪ ଯାଏଁ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ଭାରତୀୟ ସଂସ୍କୃତିସାହିତ୍ୟର ଅଧ୍ୟାପକ ଭାବରେ କାର୍ଯ୍ୟରତ ରହି ୧୯୬୨ ବେଳକୁ ଚୀନ୍‌ଯୁଦ୍ଧ ଆରମ୍ଭ ପରେ ଭାରତକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ୧୯୬୬ରେ ପ୍ରଥମଥର ପାଇଁ ପୂର୍ବୟୁରୋପ ଯାତ୍ରା, ରୁମାନିଆ, ୟୁଗୋସ୍ଲୋଭିଆ, ଋଷ୍ ଏବଂ ମଙ୍ଗୋଲିଆ ଯାତ୍ରା, ପୁଣି ୧୯୬୬ରେ ଭାରତକୁ ପ୍ରତ୍ୟାବର୍ତ୍ତନ କରି ବିକାନେର୍, ଅଜମେର୍, ଶିମ୍‌ଲା, ଦିଲ୍ଲୀ, ଏର୍ଣ୍ଣାକୁଲମ୍‌ର ବିଭିନ୍ନ ସାହିତ୍ୟିକ ଆୟୋଜନରେ ଅଂଶଗ୍ରହଣ, ୧୯୬୭ରେ ଅଷ୍ଟ୍ରେଲିଆ, ୧୯୬୮ର ଶେଷାର୍ଦ୍ଧରେ ଦୁର୍ଭିକ୍ଷପୀଡ଼ିତ ବିହାର ଯାତ୍ରା, ୧୯୮୬ର ଶେଷାର୍ଦ୍ଧରେ ପୁନଶ୍ଚ ୟୁରୋପର ୟୁଗୋସ୍ଲୋଭିଆରୁ ଚେକୋସ୍ଲୋଭିଆକୁ ଯାତ୍ରା କରିଥିଲେ । ୧୯୬୯ରେ ହଲାଣ୍ଡ, ଜର୍ମାନୀ, ଫ୍ରାନ୍ସ, ଇଂଲଣ୍ଡ, ସୁଇଜରଲ୍ୟାଣ୍ଡ, ଇଟାଲୀ, ଗ୍ରୀସ୍ ଏବଂ ୧୯୭୦ରେ ମେକ୍‌ସିକୋ, ୧୯୭୩ରୁ ୭୪ରେ ହିମାଳୟର ପାର୍ବତ୍ୟ ପ୍ରଦେଶ ଓ ଦକ୍ଷିଣ ଭାରତ ଭ୍ରମଣ କରିଥିଲେ ।

୧୯୬୭ରୁ୧୯୬୮ ମଧ୍ୟରେ କବି ଅଜ୍ଞେୟ ବହୁ ସେମିନାର୍‌ରେ ଯୋଗଦାନ କରିଥିଲେ । ୧୯୬୭ରେ ଅଷ୍ଟ୍ରେଲିଆରେ 'ଏସିଆ ଦେଶରେ ସାହିତ୍ୟ ବିନିମୟ' ଦିଲ୍ଲୀରେ ମେକ୍ସମୋଲର୍ ଭବନରେ ଭାଷା ଏବଂ ସମକାଳୀନ ସମାଜ ଉପରେ ଆୟୋଜିତ ପାଠଚକ୍ରରେ 'ଭାଷା ଏବଂ ଅସ୍ମିତାବୋଧ' ଉପରେ, କାଲିଫର୍ଣ୍ଣିଆ ବିଶ୍ୱ ବିଦ୍ୟାଳୟରେ 'ସ୍ରବ୍ୟ କବିତାରୁ ଦୃଶ୍ୟ କବିତା ପର୍ଯ୍ୟନ୍ତ', ଚିକାଗୋ ବିଶ୍ୱ ବିଦ୍ୟାଳୟରେ 'ଭାଷା ଏବଂ ଅସ୍ମିତା ତଥା ଆଖ୍ୟାପନରେ କାଳର ସମସ୍ୟା' ଉପରେ ବ୍ୟାପକ ବକ୍ତୃତା ଉପସ୍ଥାପନ କରିଥିଲେ । ଅଜ୍ଞେୟ ତତ୍‌କାଳୀନ ବହୁ ସାହିତ୍ୟିକଙ୍କ ସଂସ୍ପର୍ଶରେ ଆସିବାର ସୌଭାଗ୍ୟ ଲାଭ କରିଥିଲେ । ଜାପାନ୍ ଏବଂ ଫିଲିପିନ୍‌ର ଯାତ୍ରା ସମୟରେ ଜାପାନୀ ସାହିତ୍ୟର ୟାସୁନାରୀ ବାୱା ବାତା, କୁନିଚିରୋ ତାନିଜାକି, ସୁଗିୟାମା ତଥା ୟୋମା ମାୟେଡା ଆଦି, ଅଷ୍ଟ୍ରେଲିଆରେ ପ୍ରସିଦ୍ଧ କବି ଜୁଡିଥ୍ ରାଇଟ୍ ଏବଂ ଟାମ୍ ଇଙ୍ଗିଲିସ୍ ମୁର୍, ୟୁଗୋସ୍ଲୋଭିଆରେ ନୋବେଲ ପୁରସ୍କାର ବିଜେତା ଆନ୍ଦ୍ରିଚ ଏବଂ ସ୍ଲୋବେନି କବି ମାତେଇ ବୋରଙ୍କ ସାକ୍ଷାତ୍ ଲାଭ କରିଥିଲେ ।

ଜାପାନର ଯାନ୍ତ୍ରିକ ପ୍ରଗତି ଭିତରେ ସଂସ୍କୃତିଗତ ମୂଲ୍ୟବୋଧର ସମନ୍ୱୟକୁ ମହତ୍ତ୍ୱ, ୟୁଗୋସ୍ଲୋଭିଆରେ ୟୁଗୋସ୍ଲୋଭ କବିତା ଓ ଉପନ୍ୟାସର ଯୋଜନା, ଚେକୋସ୍ଲୋଭିଆରେ ସେଠିକାର ସାହିତ୍ୟିକମାନଙ୍କର ବିବିଧ ସମସ୍ୟା ଓ ତା'ର ପତ୍ରିକାର ଉପରେ କବି ଅଜ୍ଞେୟ ଅତି ଗୁରୁତ୍ୱପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିଥିଲେ । ସେ ତାଙ୍କର ପର୍ଯ୍ୟଟନଜନିତ ବିବିଧ ଘଟଣା-ଅନୁଭବ-ଅନୁଭୂତିକୁ ମୂର୍ତ୍ତ ରୂପ ପ୍ରଦାନ କରି ସୃଷ୍ଟି କରିଛନ୍ତି ଅଜସ୍ର ସୃଷ୍ଟି । 'ଅରୀ ଓ କରୁଣା ପ୍ରଭାମୟ', 'ଆତ୍ମନେପଦ', 'ଅପ୍‌ନେ ଅପ୍‌ନେ ଅଜନବୀ', 'ୟେ ତେରି ପ୍ରତିରୂପ', 'ଆଙ୍ଗନ୍ କେ ପାରଦ୍ୱାର' ଭଳି ଉତ୍କୃଷ୍ଟ ସୃଷ୍ଟି ଭିତରେ ରହିଛି ସୂକ୍ଷ୍ମ ବହିର୍ଦୃଷ୍ଟି, ଆଧ୍ୟାତ୍ମିକ ଅନ୍ୱେଷଣ ଓ ରହସ୍ୟବାଦୀ ଚିନ୍ତନ । ପାଶ୍ଚାତ୍ୟର ଆଧୁନିକତା ପ୍ରତି ଆଗ୍ରହୀ କବି ଅଜ୍ଞେୟ ନିଜ ପରମ୍ପରା-ସଂସ୍କୃତିକୁ ଆଦୌ ଭୁଲି ନାହାନ୍ତି । ଦେଶ-ବିଦେଶରେ ରହି ମାଟିକୁ ଝୁରିଛନ୍ତି । ତାଙ୍କର ଏକ ପତ୍ରରେ ସେ ଲେଖିଛନ୍ତି –"ମନ୍ ୟହାଁ ନହିଁ ହେ ଦେଶ୍ ମେଁ ରହା ।" ତାଙ୍କର ପ୍ରତ୍ୟେକ ସୃଷ୍ଟି ଭିତରେ ମୁକ୍ତ ଆତ୍ମୀୟତା, ନିରଭିମାନ ଭାବ, ଭାରତୀୟତାର ଛାପ, ଦୃଢ, ତଥା ନିର୍ଭୀକ ବିଚାରବୋଧ ଉପଲବ୍ଧ ହଏ । ରାଷ୍ଟ୍ରସ୍ତରୀୟ ଚିନ୍ତନ ତାକୁ ଆହୁରି ପରିପକ୍ୱ କରି ଗଢ଼ି ତୋଳିଥିଲା । ପାଠକ ୧୯୬୫ ପରବର୍ତ୍ତୀ ତାଙ୍କ ସାହିତ୍ୟରେ ଅତୀନ୍ଦ୍ରିୟ ଜଗତର ଅନୁଭବ ଦେଇ ଉତ୍କଟ ଜିଜ୍ଞାସାବୋଧ, ଜୀବନବୋଧ, ବସ୍ତୁଜଗତର ମୂଲ୍ୟହୀନ ଆଦର୍ଶ, ଆଧ୍ୟାତ୍ମିକତା ଅପେକ୍ଷା ଅତୀନ୍ଦ୍ରିୟ ଅନୁଭବର ମହତ୍ତ୍ୱ ତଥା ବୈଜ୍ଞାନିକ ମାନସିକତାର ମହା ସମନ୍ୱୟକୁ ଅନୁଭବ କରି କୃତ୍ୟ କୃତ୍ୟ ହୁଏ ।

ଅଜ୍ଞେୟଙ୍କ ସମସ୍ତ କାବ୍ୟକୃତିରେ ରହିଛି ଭିନ୍ନଭିନ୍ନ ଭାବଧର୍ମ । ପ୍ରଥମ କାବ୍ୟସଂଗ୍ରହ 'ଭଗ୍ନଦୂତ'ରେ ପ୍ରଣୟର ଅତୃପ୍ତ ଆକାଂକ୍ଷା, 'ଇତ୍ୟଲମ୍'ରେ ମଧ୍ୟ ଏତାଦୃଶ ଆବେଗ, 'ହରି ଘାସ ପର କ୍ଷଣଭର', ବାବ୍‌ରଅହେରୀ, ଇନ୍ଦ୍ରଧନୁ ରୌଁନ୍ଦେ ହୁଏ ୟେ ରେ ଦାର୍ଶନିକ ଅନୁଚିନ୍ତା, ତଥା 'ଆଙ୍ଗନ୍ କେ ପାର୍‌ଦ୍ୱାର' ରଚନାରେ ଭାରତୀୟ ବିଭିନ୍ନ ଧର୍ମ, ସଂପ୍ରଦାୟର ତାତ୍ତ୍ୱିକ ମୂଲ୍ୟବୋଧଗୁଡ଼ିକୁ ହୃଦ୍‌ବୋଧ କରି ନୂତନ ଦୃଷ୍ଟିକୋଣର ରୂପାୟନ ହୋଇଛି । ୧୯୬୦ ପରବର୍ତ୍ତୀ ତାଙ୍କ କବିତାରେ ରଚନା କୌଶଳର ଅଭିନବ ସ୍ଥିରତା ଓ ବୌଦ୍ଧିକତା ପାଠକଙ୍କୁ ଆଶ୍ଚର୍ଯ୍ୟ ଚକିତ କରେ ।

ଆଧୁନିକ ଓଡ଼ିଆ କବିତାରେ ସାମ୍ୟବାଦ-ପ୍ରଗତିବାଦର ବିଶିଷ୍ଟ ପ୍ରବକ୍ତା ତଥା ପ୍ରୟୋଗବାଦର ଅଗ୍ରଦୂତ ସଚ୍ଚିରାଉତରାୟ ମଧ୍ୟ ଛାତ୍ରାବସ୍ଥାରୁ କ୍ରାନ୍ତିକାରୀ କୃଷକନେତା ରୂପେ ପରିଚିତ । ଛାତ୍ର ଆନ୍ଦାଳନ, ଗଡ଼ଜାତ ପ୍ରଜା ଆନ୍ଦୋଳନ, କୃଷକ-ଶ୍ରମିକ ଆନ୍ଦୋଳନରେ ସକ୍ରିୟ ପଦକ୍ଷେପ ହେତୁ ସେ ବହୁବାର କାରାବରଣ କରିଛନ୍ତି । କେବେ ନିଜର ବନ୍ଦୀ ହୋଇଛନ୍ତି ପୁଣି

କେବେ ଜୋରିମାନା ଦଣ୍ଡରେ ଦଣ୍ଡିତ ହୋଇଛନ୍ତି । ଜଣେ ଶ୍ରମିକ ନେତା ରୂପେ ସମାଜସେବା ଏବଂ ସାହିତ୍ୟ ସାଧନାର ଆଭିମୁଖ୍ୟ ନେଇ ବହୁ ବିଦେଶୀ ରାଷ୍ଟ୍ରଭ୍ରମଣ ସହିତ ଆନ୍ତର୍ଜାତିକ ସେମିନାରରେ ନିଜର ଓଜସ୍ୱୀ ବକ୍ତୃତା ମଧ୍ୟ ପ୍ରଦାନ କରିଛନ୍ତି । ହାଭାର୍ଡ ୟୁନିଭରସିଟିରେ ଆନ୍ତର୍ଜାତିକ କଳା-ବିଜ୍ଞାନ ସେମିନାର (୧୯୫୫), ଅଷ୍ଟ୍ରେଲିଆ ଓ ନ୍ୟୁଜ୍‌ଲ୍ୟାଣ୍ଡରେ ଏସିଆ-ସମାଜ-କଲ୍ୟାଣ ସେମିନାର (୧୯୫୨), ବାଙ୍ଗାଲାଦେଶ ବିଶ୍ୱବିଦ୍ୟାଳୟ ଓ ଏକାଡ଼େମୀ ସେମିନାର (୧୯୭୨-୭୫), ପୁଷ୍କିନ୍ ସେମିନାର ସୋଭିଏତ୍ ଋଷିଆ (୧୯୭୯) ଆଦିରେ ତାଙ୍କର ସକ୍ରିୟ ଯୋଗଦାନ ଓ ଭାଷଣ ଅବିସ୍ମରଣୀୟ ।

ଓଡ଼ିଶାର ଜାତୀୟ ଜୀବନରେ ଘଟିଥିବା ବିପ୍ଲବାତ୍ମକ ବାମପନ୍ଥୀ ଚେତନାର ଉଚ୍ଚକିତ ସ୍ୱର ଅନୁଭବ ହୁଏ 'ଅଭିଯାନ'ରେ । ଶ୍ରେଣୀହୀନ, ଶୋଷଣହୀନ ମୁକ୍ତ ସମାଜର ପ୍ରତିଷ୍ଠା ନିମନ୍ତେ ଆଶାନ୍ୱିତ ଆହ୍ୱାନର ସ୍ୱର ଏଥିରେ ଅନୁରଣିତ ହୋଇଛି । ତତ୍‌କାଳୀନ ଗଡ଼ଜାତ ପ୍ରଜା ଆନ୍ଦୋଳନ ଓ ଶ୍ରମିକ ଆନ୍ଦୋଳନର ଚିତ୍ର ଏଥିରେ ରହିଛି । ୧୯୩୪ରେ ସ୍ପେନ୍‌ର ଫାସିଷ୍ଟ ସଂଗ୍ରାମର ପୃଷ୍ଠଭୂମି ଉପରେ 'ସ୍ପେନ୍' କବିତା, ୧୯୩୭ରେ କଲିକତା ଜେଲ୍‌ରେ ବନ୍ଦୀ ରହି 'କାରାଗାର' କବିତା ଲେଖିଛନ୍ତି । ୧୯୪୫ରେ ବେଦଓାଡ଼ାଠାରେ ପ୍ରଗତି ସାହିତ୍ୟ ବା ଅଭ୍ୟୁଦୟ ସାହିତ୍ୟ ଉପରେ ଏକ ସାହିତ୍ୟ ସମ୍ମିଳନୀରେ ବକ୍ତୃତା ପ୍ରଦାନ କରିଛନ୍ତି ।

ପଶ୍ଚାତ୍ୟ ସାହିତ୍ୟର ପ୍ରଭାବରେ ଅତି ଅବୌଦ୍ଧିକତାର ସହିତ ଯୋଗସୂତ୍ର ରକ୍ଷା କରି ଓଡ଼ିଆ କବିତାର ଶୈଳ୍ପିକ ଭାବଧର୍ମକୁ ସେ ଦେଇଛନ୍ତି ନୂତନ ପ୍ରତିଷ୍ଠା ଏବଂ ଅନନ୍ୟ ପରିଚୟ। ୧୯୫୦ ପରବର୍ତ୍ତୀ ସମୟରେ କବି ରାଉତରାୟ ଓଡ଼ିଶାର ଭୌଗୋଳିକ ସୀମା ବାହାରେ ଭିନ୍ନ ପରିବେଶରେ ସାହିତ୍ୟ ରଚନାରେ ଅନୁବ୍ରତୀ ହୋଇଛନ୍ତି । ମାଟିର ବନ୍ଧନ ତ୍ୟାଗ କରି ଏକ ବ୍ୟାପକ ପରିସରରେ ନିଜ କାବ୍ୟଚେତନାକୁ ନିମଜ୍ଜିତ କରିଛନ୍ତି । 'ମହାଯାତ୍ରୀ' (୧୯୪୪), 'ସଂହିତା' (୧୯୫୦), 'ସ୍ୱାଧୀନ ଦେଶର ଜନ୍ମଦିନେ' (୧୯୫୦), 'କୋରିଆ' (୧୯୫୦) ଆଦି କବିତାରେ କାବ୍ୟିକ ଭାବଧର୍ମରେ ବିଶ୍ୱଜନୀନ ଆଦର୍ଶର ପ୍ରଭାବ ଅନୁଭୂତ ହୁଏ ।

କବି ଅଜ୍ଞେୟଙ୍କ ଭଳି ସଚ୍ଚି ରାଉତରାୟଙ୍କ ଆଦ୍ୟ ପର୍ଯ୍ୟାୟର କାବ୍ୟଚେତନାର ସବୁଜ ଯୁଗୀୟ ରୋମାଣ୍ଟିକ୍ କଥା ରହସ୍ୟବାଦୀ ଦୃଷ୍ଟିକୋଣ ଉପଲବ୍ଧ ହୁଏ । ଏହି ପର୍ଯ୍ୟାୟର ସୃଷ୍ଟିରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି'ର ପ୍ରଭାବ ଅନୁଭୂତ ହୁଏ । 'ପାଥେୟ' (୧୯୩୧), 'ପୂର୍ଣ୍ଣିମା' (୧୯୩୨), 'ପଲ୍ଲୀଶ୍ରୀ' (୧୯୪୧) ଆଦି ପ୍ରାରମ୍ଭିକ ରଚନାରେ ତାରୁଣ୍ୟର ରୋମାଣ୍ଟିକ୍ କାବ୍ୟସ୍ୱର ଅନୁଭୂତ ହୁଏ । 'ପଥେ-ପଥେ, ତା'ର ନୁପୂର ବାଜେ', 'ଫଗୁଣ ବ୍ୟଥା', 'ଅଭିସାର', 'ବର୍ଷା ବିରହୀ', 'ପରକୀୟା', 'ମାଳବିକା', 'ପ୍ରିୟା' ଆଦି କବିତା ଆବେଗସିକ୍ତ ହୋଇଛି । ପରବର୍ତ୍ତୀ ସମୟରେ କବିଚେତନା ବିଦ୍ରୋହ ଅଭିମୁଖୀ ହୋଇପଡ଼ିଛି । 'ଶ୍ରମିକର ଶ୍ରୀପଞ୍ଚମୀ', 'ଖାଦ୍ୟ', 'ଜାଲିଆନାବାଗ୍' ଏବଂ 'ଅଭିଯାନ' ଅନ୍ତର୍ଭୁକ୍ତ 'ଶ୍ରମିକ କବି', 'ସର୍ବହରା', 'ବନ୍ଦୀର ବନ୍ଦନା', 'ଭଗବାନ ଅଛ କାହିଁ', ଆଦି କବିତାରେ କ୍ଷମତାଶୀଳ ସତ୍ତା ହାତରେ କ୍ରୀଡ଼ନକ ସାଜିଥିବା ଧର୍ମ ପ୍ରତି ଶାଣିତ ବ୍ୟଙ୍ଗ ଏବଂ ପ୍ରଗତିଶୀଳ ସାମ୍ୟବାଦୀ ଚିନ୍ତାଧାରା ଉପଲବ୍ଧ ହୁଏ । 'ବାଜିରାଉତ' କବି ସଚ୍ଚି ରାଉତରାୟଙ୍କ ଆଗ୍ନେୟ ଉଦ୍‌ଗାର । ସଚ୍ଚିବାବୁଙ୍କ ତାରୁଣ୍ୟର ରୋମାଣ୍ଟିକ୍ ଦୃଷ୍ଟିଭଙ୍ଗୀ ବ୍ୟକ୍ତିତ୍ୱର ଅଭିବୃଦ୍ଧି ସହିତ କ୍ରମେ ଜୀବନଧର୍ମୀ-ସମାଜଧର୍ମୀ ହୋଇଛି । ଏହା ବ୍ୟତିରେକ ସାମାଜିକ-ଶାଣିତ ବ୍ୟଙ୍ଗ, ପଲ୍ଲୀ ସୌନ୍ଦର୍ଯ୍ୟ, ପଲ୍ଲୀର ନିଷ୍ଠୁର-ନିର୍ମମ ଦୁର୍ଗତିର ସତ୍ୟ ମଧ୍ୟ ସ୍ପଷ୍ଟ ଅଙ୍କିତ ହୋଇଛି । 'ପଲ୍ଲିଶ୍ରୀ' କବିତା ସଂକଳନର 'ଛୋଟ ମୋର ଗାଁଆଟି', 'ପଲ୍ଲୀ ସକାଳ', 'ପଲ୍ଲୀସଂଜ, 'ଗ୍ରାମ ଶ୍ମଶାନ' ଆଦି କବିତାରେ କବିଙ୍କ ମାଟିପ୍ରୀତି, ଗ୍ରାମୀଣ ଜନଜୀବନ ପ୍ରତି ଅଖଣ୍ଡ ଶ୍ରଦ୍ଧା, ସ୍ୱବିରୋଧ ଓ ବ୍ୟକ୍ତିତ୍ୱବୋଧର ଗାରିମା ବହନ କରିଛି । ପଲ୍ଲୀର ମାନବୀୟ ରୂପ ସନ୍ଦର୍ଶନ କରାଇବାରେ କବି ଅଦ୍ୱିତୀୟ । 'ଭାନୁମତୀର ଦେଶ' ଅନ୍ତର୍ଗତ 'ଝଡ଼ରେ କୃଷ୍ଣଚୂଡ଼ା' କବିତାରେ 'ତରଙ୍ଗ'କୁ ଗ୍ରାମୀଣ ସଭ୍ୟତାନ୍ମୁଖୀ ପ୍ରତୀକ ରୂପେ ସ୍ୱୀକାର କରି ତା'ରି ଓଠରେ ନିଜର ମନ କଥାକୁ କୁହାଇଛନ୍ତି –

"ଗ୍ରାମର ଏଇ ନାଲି ମାଟିର ସଡ଼କ
ଏଇ ସରୁ ସରୁ ଗ୍ରାମ ବିଲ ଏଇ ପାହାଡ଼, ନଦୀ, ବନ
ଗେରୁଆ ରଙ୍ଗର ଶୀତ ସକାଳ କୁହୁଡ଼ି
ଆଉ ସାୟାହ୍ନ ହଉଚି ମୋର ନିଜର ସ୍ୱକୀୟ ପ୍ରତିପ୍ରେକ୍ଷୀ
ମୁଁ ଏଇ ପଲ୍ଲୀ ଆକାଶର ପକ୍ଷୀ ।"

'କାକଜ୍ୟୋସ୍ନା' କବିତାରେ ଭାରତୀୟ ପଲ୍ଲୀର ତାଳ-ତମାଳ ସୀମା, ତା'ର ଅମାବାସ୍ୟା-ପୂର୍ଣ୍ଣିମାର ପ୍ରଶଂସାରେ କବି ଶତମୁଖର ହୋଇଛନ୍ତି । 'ହସନ୍ତ' କବିତା ପୁସ୍ତକ ଅନ୍ତର୍ଗତ 'ଗୋପବନ୍ଧୁଙ୍କ ଶ୍ରାଦ୍ଧ', 'ଅଭିଜ୍ଞାନ'ର 'ଗାନ୍ଧିଜୀ ଗହଣେ', 'ପାଣ୍ଡୁଲିପି'ର 'ସ୍ଫୁଲିଙ୍ଗର କବି ନାହିଁ ଆଜି', 'ହେ ବନ୍ଧୁ ବିଦାୟ', 'ଶ୍ରୀ ଚିନ୍ତାମଣି ମହାନ୍ତି', 'ଗୋପବନ୍ଧୁ ଦାସ', 'ସ୍ମରଣୀୟାସୁ', 'ପ୍ରତିମା ନାୟକ', 'ଅଳକା ସାନ୍ୟାଲ୍', 'ସ୍ୱର୍ଗର ଉତ୍କଳପୁରୁଷ' ଓ 'ମହାଯାତ୍ରୀ' ଆଦି କବିତାରେ ଛଳଛଳ ମାନବବାଦୀ-ଜୀବନବାଦୀ ଦୃଷ୍ଟିକୋଣ ଆନୁଭବ୍ୟ । ଏ ସବୁରେ ମଣିଷକୁ ଭଲପାଇବାର ନୂତନ ହାର୍ଦ୍ଦିକ-ଅନୁଭବକୁ ପାଠକ ଅତି ନିବିଡ଼ତାର ସହିତ ଅନୁଭବ କରେ ।

'ଅଭିଯାନ' ସଚ୍ଚିବାବୁଙ୍କ ସମୁଚ୍ଚ କାବ୍ୟଜିଜ୍ଞାସାର ଯଥାର୍ଥ ପ୍ରତିନିଧି କୃତି । ଏଥିରେ ତତ୍‌କାଳୀନ ଗଡ଼ଜାତ ପ୍ରଜା ଆନ୍ଦୋଳନ ଏବଂ କୃଷକ-ଶ୍ରମିକ ଆନ୍ଦୋଳନକୁ ଲକ୍ଷ୍ୟ କରି ଅସଂଖ୍ୟ କବିତା ରଚିତ । ଏଥିରେ ସର୍ବହରା ମଣିଷର ସ୍ୱାଧୀନତା, ହକ୍, ଅଧିକାରକୁ ଗୁରୁତ୍ୱ ଦେଇ କବି ରାଷ୍ଟ୍ରଧର୍ମ, ଶୋଷଣକାରୀ ବୁର୍ଜୁୟା ଶ୍ରେଣୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ପଶ୍ଚାତ୍‌ପଦ ହୋଇନାହାନ୍ତି । 'ମାର୍ ତୁ ଯେତେ ଗୁଳି', 'ଦେଖି ନେବୁ ତାକୁ', 'ତୁମେ ମାର ଯେତେ ଆଜି ମାରିବ', 'ବାରୁଦ ଘରେ', 'ନାଲ ନଭେମ୍ବର' ଆଦି ତାଙ୍କର ଉଲ୍ଲେଖନୀୟ କବିତା । ଏସବୁରେ କବିଙ୍କର ସାମ୍ରାଜ୍ୟବାଦ ବିରୁଦ୍ଧରେ ପ୍ରଗତିପନ୍ଥୀ ଚିନ୍ତାଧାରା ବେଶ୍ ଅନୁରଣିତ ହୋଇଛି । 'ଶ୍ରମିକ କବି', 'ସର୍ବହରା' ଆଦି କବିତାରେ ସାମ୍ୟବାଦର ଜୟଧ୍ୱନିର ଝଙ୍କାର-ଝଙ୍କୃତ ହୋଇଛି । 'ସ୍ୱାଧୀନତା' ହିଁ ମଣିଷର ଶ୍ରେଷ୍ଠ ଆବଶ୍ୟକତା ବୋଲି ସଚେତନ କରି 'ପାଣ୍ଡୁଲିପି'ର 'ମୁକ୍ତିବନ୍ଦନା' କବିତାରେ ଲେଖିଛନ୍ତି –

"ପ୍ରାଣଠାରୁ ବଳି ସ୍ୱାଧୀନତା,
ପ୍ରିୟଠାରୁ ପ୍ରିୟତର ଅତି ବଡ଼ ସେ ଯଥା ଜନତା ।"

କବି ସଚ୍ଚି ରାଉତରାୟ 'ଆମେରି' କବିତାରେ ଐତିହ୍ୟସଂପନ୍ନ ଭାରତର ଗୌରବକୀର୍ତ୍ତିକୁ ବାରମ୍ବାର ସ୍ମରଣ କରିଛନ୍ତି । ମତ୍ସ୍ୟଦ୍ୱୀପ, ଲବଙ୍ଗ ଦେଶ, ଅହିଫେନ୍ ଦ୍ୱୀପର ବନ୍ଦରରେ ଭାରତର ମସଲା ବୋଝେଇ ତରୀକୁ ସ୍ମରଣ କରି ତା'ର ଗୌରବକୁ ସିଦ୍ଧ କରିଛନ୍ତି । ପ୍ରବାସରେ ରହି 'ମାଟି'କୁ

ମନେପକାଇ ଆବେଗରେ ଛଳଛଳ ହୋଇ ଉଠିଛନ୍ତି । ଠିକ୍ ଅଜ୍ଞେୟଙ୍କ ପରି ସଚ୍ଚିବାବୁ ମଧ୍ୟ 'ମାଟିମୋହ'କୁ ଏଡ଼ାଇ ନପାରି ଝୁରି ହୋଇଛନ୍ତି –

"ଏସବୁ କଥା ଛବିଟି ପରି
ପ୍ରବାସେ ମନେ ଉଠଇ ଝଳି ।
ଇଚ୍ଛାହୁଏ ମାଟିରେ ତା'ର
ଶାରଟି ଥରେ ନୁଆଁନ୍ତି ।"

ଦୁଇ ପ୍ରତିନିଧି ବ୍ୟକ୍ତିତ୍ୱ କବି ଅଜ୍ଞେୟ ଏବଂ ସଚ୍ଚିରାଉତରାୟଙ୍କ ସାହିତ୍ୟରେ ଶିଳ୍ପଗତ ସମୀକ୍ଷା-ନିରୀକ୍ଷା, ପ୍ରୟୋଗ ତଥା ନୂତନ କବିତାର କଳାତ୍ମକ ମୂଲ୍ୟବୋଧକୁ ନେଇ ଉଭୟଙ୍କ ସୃଷ୍ଟିରେ ରହିଛି ଅଦ୍ଭୁତ ସାମଞ୍ଜସ୍ୟ । ୧୯୫୦ ପରବର୍ତ୍ତୀ ରଚନାରେ ଉଭୟଙ୍କର କାବ୍ୟଶୈଳୀ ପରିବର୍ତ୍ତିତ ହୋଇଛି। ଉଭୟେ ନୂତନ ଉପମା, ପ୍ରତୀକ, ନୂତନ ଶବ୍ଦ-ବ୍ୟଞ୍ଜନା, ଚିତ୍ରକଳ୍ପ (ବିମ୍ବ)ର ପ୍ରୟୋଗ କରି ପ୍ରୟୋଗବାଦକୁ ସଫଳ ରୂପ ପ୍ରଦାନ କରିଛନ୍ତି । କବି ଅଜ୍ଞେୟ ତାଙ୍କ କବିତାରେ 'ଅତୁକାନ୍ତ ଛନ୍ଦ'ର ପ୍ରୟୋଗ କରିଥିବାବେଳେ ସଚ୍ଚିରାଉତରାୟ ବାକ୍‌ରୀତି ସହିତ କାବ୍ୟିକ ରୀତିର ସମନ୍ୱୟ କରି 'ଗଦ୍ୟଛନ୍ଦ'ର ପ୍ରୟୋଗ କରିଛନ୍ତି । ଦୁହିଁଙ୍କର କବିତାରେ ରୋମାଣ୍ଟିକ୍ ଆବେଗଧର୍ମିତା ସହିତ ବାସ୍ତବବାଦ, ସ୍ଥିତିବାଦ, ବ୍ୟଙ୍ଗ ବିଦ୍ରୂପ, ସତ୍ୟବଦ୍ଧତା, ବ୍ୟକ୍ତିନିଷ୍ଠ-ଅହଂବାଦର ମହାସମନ୍ୱୟ ଘଟିଛି । ଏକ ବିଶେଷ ପ୍ରକାର ସାଂକେତିକତା, ଲାକ୍ଷଣିକତା, ପ୍ରତୀକାତ୍ମକତା, ତଥା ବିଶ୍ୱଧର୍ମିତାର ମିଶ୍ରଣ ଦ୍ୱାରା ଉଭୟଙ୍କ କାବ୍ୟକୃତି 'ପ୍ରୟୋଗବାଦ'କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି ।

କବି ପାଇଁ ତା'କବିତା କେତେ ଯେ ମହତ୍ତ୍ୱପୂର୍ଣ୍ଣ, ପୁଣି ସମାଜ ପାଇଁ କେତେ ଯେ ଉତ୍ତରଦାୟୀ ତାକୁ ସ୍ପଷ୍ଟ କରି କବି ସଚ୍ଚି ରାଉତରାୟ ଲେଖିଛନ୍ତି ।

"ମୁଁ ସଚ୍ଚିରାଉତରା,
ନୁହେଁ ଟାଗୋର ବା ଶେଲୀ
ମୁଁ ଏଇ ମାଟିର ଧରା
ଆଉ ଆକାଶର କବି,
କାମ ନୁହଁ ମୋ ଖାଲି ଆଙ୍କିବା କାଗଜରେ ଛବି,
ପେଶାଦାର ଗାୟକ ମୁଁ ନୁହେଁ,
ତୁମେ ମୋର ଛପା ବହି ଯେତେବେଳେ ଛୁଅଁ
ଛୁଅଁ ନୂଆ ମଣିଷର ଛାତି,
ଏଇ ପୃଥିବୀର ସବୁ ମଣିଷ ଜାତି,
ତା'ର ପ୍ରତିଟି ଖବର
ରୂପ ପାଏ କବିତାରେ ମୋର ।"

ହିନ୍ଦୀ କବି ଅଜ୍ଞେୟ 'ଇନ୍ଦ୍ରଧନୁ ରୌଁଦେ ହୁଏ ୟେ' କବିତାରେ କବିର ଅନୁଭବାତ୍ମକ ଆବେଗମୟ ଚିତ୍ର ଉତ୍ତୋଳନ କରି ଲେଖିଛନ୍ତି –

"ତୁମ୍ କିସି ଦେବ୍‌ତା ସେ ନୁହିଁ ନିକ୍‌ଲେ
ତୁମ୍ ମେରେ ସାଥ୍ ମେରେ ହି ଆସୁଁ ମେଁ ଗଲେ,
ମେରେ ହି ରକ୍ତ ପର୍ ପଲେ,
ଅନୁଭବ୍‌କେ ଦାହ ପର୍ କ୍ଷଣ କ୍ଷଣ
ଉକ୍‌ସତି ମେରି ଅସ୍ତିତ୍ୱ ଚିତା ପର୍
ତୁମ୍ ମେରେ ହି ସାଥ୍ ଜଲେ ।"

ଅଜ୍ଞେୟଙ୍କ ପାଇଁ କବିତାର ସତ୍ୟ-କବିର ଅଶ୍ରୁରେ ବହେ, ରକ୍ତରେ ପାଳିତ ହୁଏ, ଅନୁଭବର ବାହାରେ କ୍ଷଣକ୍ଷଣ ଉକୁଟି ଉଠେ ପୁଣି କବିର ଅସ୍ତିତ୍ୱ ଚିତାରେ ତା'ରି ସହିତ ଜଳିଯାଏ ଏବଂ ତା'ପରେ ହିଁ ତାହା କବିର ବିଭୂତି ପାଲଟିଯାଏ । ସଚ୍ଚି ରାଉତରାୟଙ୍କ ପାଇଁ – 'ଯାହା ସତ୍ୟ ତାହା ହୁଏ କବିତା' ମଣିଷ ଜୀବନବୋଧର ଛବିକୁ ନେଇ ତାହା ସ୍ୱୟଂ ପ୍ରକାଶିତ ହୁଏ ଏବଂ କବିତା ଭଳି ପ୍ରକାଶର ଅପେକ୍ଷା ରଖେ । 'ସତ୍ୟ'କୁ ନେଇ ଏତାଦୃଶ ସଚେତନତା ବୋଧହୁଏ ଅନ୍ୟ କୌଣସି କବି କର୍ମରେ ମିଳିବା ଦୁଷ୍କର ।

ଅଜ୍ଞେୟ ନିଜ କବିତା ରଚନା ସମୟରେ ବେଶ୍ ସତର୍କ ରହନ୍ତି ଏବଂ ନୀରବତାକୁ ବିଞ୍ଚôଚ ତା'ପରେ ହିଁ କବିତାର ସ୍ୱରକୁ ଧାରଣ କରନ୍ତି । କବିଙ୍କ ଶବ୍ଦରେ –

"ପହଲେ ମେଁ ଏକ୍ ସନ୍ନାଟା ବୁନ୍‌ତା ହୁଁ
ଉସି କେଲିୟେ ସ୍ୱର-ତାର୍ ଚୁନ୍‌ତା ହୁଁ ।"

'ଅରି ଓ କରୁଣା ପ୍ରଭାମୟ'ରେ 'ନୟା କବି ଆତ୍ମସ୍ୱୀକାର' କବିତାରେ କବି କିପରି କବିତାର ଶବ୍ଦକୁ ଅତି ସନ୍ତର୍ପଣରେ ସଜାଡେ ଓ ନିଜ ସାଧନାର ଲକ୍ଷ୍ୟକୁ ବ୍ୟକ୍ତ କରେ ତାହାହିଁ ସ୍ପଷ୍ଟ କରି ଲେଖିଛନ୍ତି -

"ୟୌଁ ମେଁ କବି ହୁଁ, ଆଧୁନିକ୍ ହୁଁ, ନୟା ହୁଁ,
କାବ୍ୟତତ୍ତ୍ୱ କି ଖୋଜ୍ ମେଁ କହାଁ ନହିଁ ଗୟା ହୁଁ?
ଚାହତା ହୁଁ ଆପ୍ ମୁଝେ
ଏକ୍ ଏକ୍ ଶବ୍ଦପର୍
ସରାହତେ ହୁୟେ ପଢେଁ
ପର୍ ପ୍ରତିମା-ଅରେ, ୱହ ତୋ
ଜୈସି ଆପ୍‌କୋ ଚାଚେ ଆପ୍ ସ୍ୱୟଂ ଗଢ଼େ ।"

କବି ଅଜ୍ଞେୟଙ୍କ ନିମନ୍ତେ 'ଶବ୍ଦ' ଏବଂ 'ସତ୍ୟ' ଚିର ସହଚର । କବି ସଚ୍ଚି ରାଉତରାୟଙ୍କ ପାଇଁ କବିତା ମୁକ୍ତିର ନିୟାମକ । 'ସ୍ଫୁଲିଙ୍ଗର କବି ନାହିଁ ଆଜି' କବିତାରେ କବି ସଚ୍ଚିରାଉତରାୟଙ୍କ ଶବ୍ଦରେ –

"ସାହିତ୍ୟ ନୁହଁଇ ଖାଲି ଫୁର୍ତ୍ତି ଆଉ ବିଳାସର ଫୁଲ
ଜାତିକୁ ଦେବ ସେ ମୁକ୍ତି ତେବେ ଯାଇ ଚରମ ତା ମୂଲ ।"

ଜଣେ ନିରହଂକାରୀ କବି ଭାବରେ ସେ କହି ଉଠିଛନ୍ତି-

"ଅନାହୂତ କବି କେବେ ଦାବୀ କରେ, କହ କି ବନ୍ଦନା?"

ହିରୋସୀମା ଉପରେ ପରମାଣୁ ବୋମା ନିକ୍ଷେପଣ ଜନିତ ଭୟାବହତାକୁ କବି ଅଜ୍ଞେୟ 'ହିରୋସୀମା' କବିତାରେ ବିଜ୍ଞାନର ଦୃପ୍ତ ଅଭିଯାନ ଦେଇ ଶାପଗ୍ରସ୍ତ ମାନବ ସଭ୍ୟତାର ଭୋଗବାଦୀ ତୃଷ୍ଣାକୁ ଦାୟ କରି ଲେଖିଛନ୍ତି -

"ଛାୟାୟେଁ ମାନବ୍ ଜନ୍‌କି ଦିଶାହୀନ୍
ସବ୍ ଓର୍ ପଡି ୱହ ସୂରଜ୍
ନହିଁ ଉଗାଥା ପୂରବ୍ ମେଁ ୱହ
ବରଷା ସହସା
ବିଚୌଁ ବିଚ୍ ନଗର୍ କେ

X X X
ମାନବ୍ କା ରଚା ହୁଆ ସୂରଜ୍
ମାନବ୍ କୋ ଭାପ୍ ବନାକର ସୋଖ୍‌ଗୟା ।"

କବି ସଚ୍ଚି ରାଉତରାୟ 'ଚତୁରଙ୍ଗ' କବିତାରେ ଯୁଦ୍ଧ ବିକ୍ଷୋଭ ଏବଂ ଗଣ ବିଦ୍ରୋହର ଝଙ୍କାରକୁ ଅତି ମାର୍ମିକ ଢଙ୍ଗରେ ଉପସ୍ଥାପନ କରିଛନ୍ତି –

"ମଣିଷର ସମଗ୍ର ଦିନ ପଞ୍ଜିରେ
ପଲ୍ଲାସୀ କିମ୍ବା ଜାଲିଆନାବାଗ୍
କେବଳ ଦିନକର ଘଟଣା,
କିନ୍ତୁ, ତା'ବିରୁଦ୍ଧରେ
ସମସ୍ତ ମଣିଷର ନାଲିଶ୍
ଚିରକାଳର ।"

ପୁଣି ତାଙ୍କ 'ବୋମା'ରୁ କବିତାରେ –

"ସେମାନେ ଧାଇଁ ଆସୁଛନ୍ତି
ସାପପରି ଜିଭ ବଢ଼ାଇ
ଭାସମାନ ଉଲ୍‌କା ପରି ନିଆଁର ପୁଚ୍ଛ ଟୋଳି ।"

ପ୍ରୟୋଗର ପ୍ରୟୋଗ ହିଁ ଉଭୟ ସଚ୍ଚିଦାନନ୍ଦଙ୍କ ଆଭିମୁଖ୍ୟ ଥିଲା । ସେମାନଙ୍କ ପ୍ରେମ, ପ୍ରକୃତି, ସମ୍ବେଦନା, ଚିନ୍ତନ, ବିଚାର, ଅନୁଭୂତିର ଗହନତା ଏବଂ ଅଭିବ୍ୟକ୍ତିର ତରଳତା ପାଠକକୁ ପ୍ରଭାବିତ କରେ । ଉଭୟେ ବାରମ୍ବାର ଅବଚେତନ ସ୍ୱରକୁ ପ୍ରତୀକ ଦ୍ୱାରା ଚିତ୍ରଣ କରିଛନ୍ତି । ମନୋବିଶ୍ଳେଷଣବାଦ ଉପରେ ଅନାସ୍ଥା, ଅହଂ, ଅବିଶ୍ୱାସ, ବିଦ୍ରୋହାଦି ନୂତନ ପ୍ରତୀକ ଏବଂ ଚିତ୍ରକଳ୍ପ ଦ୍ୱାରା ରୂପାୟନ ହୋଇଛି । ପୁଣି ଆସ୍ଥା-ବିଶ୍ୱାସର ସ୍ୱର, ବ୍ୟଷ୍ଟିଚେତନା, ସମଷ୍ଟିର ଭାବନା, ନିରାଶାବାଦ, କୁଣ୍ଠା, ଆତ୍ମଦହନ, ରୁଢ଼ି ବିରୋଧୀ ମନୋବୃତ୍ତି ତଥା ବ୍ୟଙ୍ଗାଦିର ସ୍ୱର ଉଚ୍ଚକିତ ।

କବି ସଚ୍ଚି ରାଉତରାୟ 'ପ୍ରତିମା ନାୟକ' କବିତାରେ ବ୍ୟକ୍ତିଗତ, ବ୍ୟର୍ଥତା ଓ ନିରାଶାକୁ ଅତି ଚମତ୍କାର ଢଙ୍ଗରେ ଚିତ୍ରିତ କରିଛନ୍ତି । ଏଥିରେ ବ୍ୟବହୃତ ଭାଷା ଉପମା, ଚିତ୍ରକଳ୍ପର ପ୍ରୟୋଗ ଏବଂ ତୀର୍ଯ୍ୟକ୍ ଦୃଷ୍ଟିକୋଣ ତାଙ୍କ କବିତାକୁ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି ।

'ଆକାଶରେ ଫିକା ଜହ୍ନ – ସାବୁଲର ଫେଣ ପରି ସଫା', 'ଶୀର୍ଣ୍ଣ ସାଦା ଗାଲେ ଫୁଟେ ବ୍ୟର୍ଥତାର ଅକପଟ ଦାଗ', 'ଜାପାନୀ କଗଜଫୁଲ ପରି ଦେହେ ବୟସର ଧୂଳି' ଆଦି କାବ୍ୟିକ ଚିତ୍ରକଳ୍ପର ପ୍ରୟୋଗ ଅତି ମନୋଜ୍ଞ ।

ଅଜ୍ଞେୟଙ୍କ କବିତାରେ ସଂସ୍କୃତ କବିତା, ଲୋକଗୀତ, ଜାପାନୀ କବିତାର ଲୟ ସହିତ ଚିତ୍ରଶବ୍ଦ ପ୍ରାଚୁର୍ଯ୍ୟ ଅନୁଭୂତ ହୁଏ । ତାଙ୍କ କବିତାମାନଙ୍କରେ – 'ପରାୟେ ଦେଶୌଁ କି ବେଦର୍ଦ ହୱାୟେଁ, ମେରେ ଦେଶ୍ କି ଆଁଖେ, ନଙ୍ଗେ ଅନ୍ଧେରେଁ, ଲୟବଦ୍ଧ ଭୌଁରା, ଚାଁଦନୀ ମେଁ ବସା ହୁଆ କୁହ୍‌ରା, ପିଲିଧୂପ୍, ଗିଲିହୱା, ଫୁଲେ ନଥୁନେ, ଝରା ରେଶମ୍ ସିରିଷ୍ କା, ଅନ୍‌କନି ବାଁଶୁରୀ, ଉଜ୍‌ଲୀ ଲାଲିମା-ମାଲତୀ, ଗନ୍ଧ୍ କେ ଡୋରେ ଡାଲ୍‌ତି, ଘାସ୍ ହରୀ ହୁଲ୍‌ସାନୀ-ମାନିକ୍ କେ ଝୁମରସି ଆଦି ବିଶ୍ୱଧର୍ମୀ ଭାଷାର ପ୍ରୟୋଗ ଅସାଧାରଣ ମନେହୁଏ । 'ହରୀ ଘାସ୍ ପର୍ କ୍ଷଣ ଭର୍' କବିତାରେ ସହରୀ ସଭ୍ୟତାରୁ ପଳାୟନ ଏବଂ ଗ୍ରାମୀଣ ପ୍ରାକୃତିକ ସଭ୍ୟତା ଭିତରେ ଜୀବନ ଅନ୍ୱେଷାବୋଧର ଚିତ୍ର ଅତ୍ୟନ୍ତ ମନୋଜ୍ଞ ତଥା ଏଥିରେ ଜୀବନକୁ ପ୍ରତ୍ୟକ୍ଷ-ଅବଲୋକନର ଆହ୍ୱାନ ପ୍ରଚୁର ମାତ୍ରାରେ ଅଛି । 'ହରୀ ଘାସ୍ ପର୍ କ୍ଷଣ ଭର୍', 'ନଦୀ କେ ଦ୍ୱୀପ'ରେ ସଂସ୍କାରିତ ବ୍ୟକ୍ତିତ୍ୱର ପ୍ରତିଷ୍ଠା-ଇଚ୍ଛା', 'ଅସାଧବୀଣା'ରେ କବିର ରଚନା ଶକ୍ତି, ତା'ର ଅନ୍ୱେଷାର ବ୍ୟାକୁଳତାକୁ ଅନୁଭବ କରିହୁଏ ।

ଏହି କବିତା ଲୋକକଥା ଆଧାରିତ ହୋଇଥିଲେ ମଧ୍ୟ ଏଥିରେ ସୃଜନ ରହସ୍ୟର ଗ୍ରନ୍ଥିମୋଚନ ହୋଇଛି । ଶ୍ରଦ୍ଧା, ସମର୍ପଣର ପରାକାଷ୍ଠାକୁ ନେଇ 'ଅସାଧବୀଣା' ଅଭିମନ୍ତ୍ରିତ ହୋଇଛି । ଏଥିରେ ଶୂନ୍ୟତା ଓ ନିରବତା ଓ ଆବେଗକୁ ମହତ୍ତ୍ୱ ପ୍ରଦାନ କରାଯାଇଛି । ମୌନସ୍ଥିତି ପାଇଁ 'ସ୍ତବ୍ଧତା', 'ଅନିମେଷ', 'ନିର୍ବାକ' ଆଦି ଶବ୍ଦ ପ୍ରୟୋଗ ହୋଇଛି । 'ଅସାଧବାଣୀ' ଉତ୍କୃଷ୍ଟ କବିତାରେ ସଂଗୀତକାରର ସୃଜନ ପ୍ରକ୍ରିୟାକୁ ସମ୍ବର୍ଦ୍ଧିତ କରାଯାଇଛି । 'ଅସାଧ ଯେଁ ବୀଣା'ରେ କେନ୍ଦ୍ରିତ ବିମ୍ବ ସଂଗୀତ କ୍ଷେତ୍ର ସହିତ ସଂଶ୍ଳିଷ୍ଟ । ପ୍ରତ୍ୟେକ ସୃଷ୍ଟି କେବଳ ନିଃସର୍ତ୍ତ ସମର୍ପଣରେ ହିଁ ସାର୍ଥକ ହୁଏ ଏବଂ କଳାକାର ତା'ର ସୀମିତ ବ୍ୟକ୍ତିତ୍ୱ ଦ୍ୱାରା କିପରି ବିରାଟ ସୃଷ୍ଟିର ନିୟାମକ ହୁଏ ତାହାହିଁ 'ଅସାଧବାଣୀ' କବିତାର ଅନ୍ତଃସ୍ୱର । ଅଜ୍ଞେୟଙ୍କର 'ସାଗର-ଗିର୍‌ଗିଟ୍' କବିତାରେ ମାନବବାଦ ଉପରେ ଗୁରୁତ୍ୱ ଦେଇ 'ଏଣ୍ଡୁଅ' (ଗିର୍‌ଗିଟ୍)କୁ ନିଃସ୍ୱ ଶୋଷିତ ବର୍ଗର ପ୍ରତୀକ ଭାବେ ବର୍ଣ୍ଣନା କରି ଲେଖିଛନ୍ତି –

"ଗିର୍‌ଗିଟି କା ଜୀବନ୍ମୟ ହୋନା
ହମ୍ ମନୁଜୌଁ କା ଖଲ୍‌ତା ହେ ।"

କବି ସଚ୍ଚିରାଉତରାୟ ମଧ୍ୟ ଅନୁରୂପ ଭାବରେ ଦୁର୍ବଳର ଶୋଷଣ ପ୍ରତି କାତର ହୋଇ ଲେଖିଛନ୍ତି –

"ଦେଖିଛି ମୁଁ ପ୍ରବଳର ଘୋର ଅତ୍ୟାଚାର
ଦୁରୁବଳ ଲୋତକ ସମ୍ଭାର,
ଶୁଣିଛି କାତର କଣ୍ଠେ ଦୁଃଖର କ୍ରନ୍ଦନ
ନରକରେ ନରର ପୀଡ଼ନ ।"

ପୁଣି ସଭ୍ୟତାର ଯଜ୍ଞଶିଖା ଉଠେ ଜଳି ଜଳି, ମାନବତ୍ତ୍ୱ ସେ ଅନଳେ ପଡ଼େ ହାୟ ବଳି ।

ଉଭୟ କବିଙ୍କ କବିତାର ସ୍ତର ବ୍ୟକ୍ତିବାଦରୁ ସମୂହବାଦ ଆଡ଼କୁ ଉନ୍ମୁଖ ହୋଇଛି । ଅଜ୍ଞେୟଙ୍କ କବିତାରେ ନୂତନ ଶବ୍ଦ ସବୁ ପ୍ରଭାବ ବିସ୍ତାର କରିଛନ୍ତି । 'ଫୁଲ୍ ତୁହୀ କା ଫଖ୍ ଫଡ୍ ଧଂଡାତେ ହୁଏ', 'କ୍ଷଣ ଭର୍ କୋ ଅଧେରୌଁ ମେଁ ଅଟକ୍ ଜାନା', 'ଅଚ୍ଛି ତୈରାକୀ ଘୁଡ୍ ଦୌଡ୍ କି ସର୍‌ପଟ', 'ଅବାବିଲ୍ କି ଲହରାତି ୟା ବାଜିସି ସିଧି ଉଡାନ୍', 'ହିରନ୍ କି ଝଲାଙ୍ଗ ଜୋ ଆପ୍‌ନେ ଶିଖର୍ ପର୍ ଏକ୍ ସାଥ୍ ହି ନିଶ୍ଚେଷ୍ଟ' ଆଦିରେ ନୂତନ ଶବ୍ଦ ସବୁ ଅତି ଚମତ୍କାର ଢଙ୍ଗରେ ସୁଗୁମ୍ଫିତ ହୋଇଛନ୍ତି । 'କଲ୍‌ଗୀ ବାଜ୍‌ରେ କି' କବିତାରେ ନୂତନ ଉପମାନର ପ୍ରୟୋଗ କୌଶଳ ପାଠକକୁ ଚମତ୍କୃତ କରେ । 'ପ୍ରାତଃସୂର୍ଯ୍ୟ' ପାଇଁ 'ବାୱାରା' (ବାଇଆ) ଶବ୍ଦକୁ ସ୍ନେହାତିଶଯ୍ୟ ହୋଇ ବ୍ୟବହାର କରିଛନ୍ତି । ଏଥିରେ 'ସୂର୍ଯ୍ୟ' 'ସମୟ' ଏବଂ ଗତିଶୀଳତାର ପ୍ରତୀକ ଭାବେ ବ୍ୟବହୃତ ହୋଇଛି । ନିବୋର୍ଧ ଶିଶୁର ସରଳତା ନିଷ୍କପଟ-ନିରପେକ୍ଷ ଆଚରଣକୁ 'ବାୱରା ଅହେରୀ' ବିମ୍ବ ଜରିଆରେ କବି ଉଦ୍ବୋଳିତ କରିଛନ୍ତି । ତାଙ୍କ ଶବ୍ଦରେ –

"ଭୋର୍ କା ବାୱରା ଅହେରୀ
ପହେଲେ ବିଛାତା ହେ

ଆଲୋକ୍ କି ଲାଲ୍-ଲାଲ୍ କନିୟାଁ ।"

ଭାବମନସ୍କ ଅଜ୍ଞେୟ 'ସାଗର ମୁଦ୍ରାଙ୍କ'ର 'ୟାଦ୍' କବିତାରେ ଅତି ସରଳ ଶବ୍ଦ ମାଧ୍ୟମରେ ଅବ୍ୟକ୍ତ ଯନ୍ତ୍ରଣାବୋଧକୁ ଅତି ମାର୍ମିକ ଢଙ୍ଗରେ ସରଳ ଶବ୍ଦରେ ବର୍ଣ୍ଣନା କରିଛନ୍ତି –

"କୈସେ କହୁଁ କି କିସ୍ କି ୟାଦ୍ ଆୟି
ୟାଦେଁ ତଡ଼୍‌ପା ଗୟି ।"

ଅତୀତ ପ୍ରତି ମୋହାସକ୍ତ କବି ଅତି ଭାବପୂର୍ଣ୍ଣ ଶବ୍ଦରେ ଲେଖିଛନ୍ତି –

"ରୋଜ୍ ସବେରେ ମେଁ ଥୋଡ଼ା ସା ଅତୀତ୍ ମେଁ ଜି ଲେତା ହୁଁ, କ୍ୟୋଁ କି ରୋଜ ଶାମ୍ କୋ ମେଁ ଥୋଡ଼ା ସା ଭବିଷ୍ୟ ମେଁ ମର୍ ଜାତା ହୁଁ ।"

ଆଧୁନିକ ମଣିଷର ସଂଘର୍ଷମୟ ଜୀବନଶୈଳୀ ଓ ଯାନ୍ତ୍ରିକ ସଭ୍ୟତାର ପ୍ରଭାବକୁ ନେଇ କବି ଅଜ୍ଞେୟଙ୍କ ବ୍ୟଙ୍ଗାତ୍ମକ ଶବ୍ଦ ଏହିଭଳି –

"ୟେ ମୁହଁଝୌସି ଚିମ୍‌ନିୟାଁ ବରାବର
ଧୂଆଁ ଉଗଲ୍‌ତି ଜାତି ହେ

X X X

ମାନବ୍ କି ଆଶାୟେଁ ହି ପଲ୍ ପଲ୍
ଉସ୍‌କୋ ଛଲ୍‌ତି ଜାତି ହେ ।"

ଅନୁରୂପ ଭାବେ କବି ସଚ୍ଚି ରାଉତରାୟଙ୍କ ବିକଳ ଶବ୍ଦ 'ବାଜିରାଉତ' କବିତାରେ ଝରିପଡ଼ିଛି –

"ଜାରଜ ସଭ୍ୟତା ହସେ
କଳାରାତି ମୃତ୍ୟୁଠାରୁ ହିମ
ସାବଧାନ୍ ନିରୀହ ପଥିକ
ଶକୁନିର ଶିକ୍ଷିତ ମୂଷିକ
ସାବଧାନ୍! ଏ କପଟ ପାଶା ।"

ମଣିଷକୁ ତା'ର ଆଶା ଏବଂ ତା'ରି ଭଳି ମଣିଷମାନେ ହିଁ ଛଳନାରେ କିପରି ନିଃଶେଷ କରିଚାଲିଛନ୍ତି, ତାହାର ଏକ ମୂର୍ତ୍ତ ଚିତ୍ରରୂପ ତୋଳିଛନ୍ତି ଉଭୟ କାବ୍ୟକାର । ଅଜ୍ଞେୟଙ୍କ ପାଇଁ ସୂର୍ଯ୍ୟାସ୍ତର 'ଧୂପ' ମାଁ କି ହଁସି କେ ପ୍ରତିବିମ୍ବ ତୁଲ୍ୟ ମନେ ହୋଇଛି । 'ହମାରା ଦେଶ୍' କବିତାରେ କବି ସହରୀ ସଭ୍ୟତାକୁ ବିଷଧର ସର୍ପର ପ୍ରତୀକ ଦ୍ୱାରା ପ୍ରତୀକିତ କରି ଲେଖିଛନ୍ତି –

"ସହରୋଁ କି ଢଁକି ଲୋଲୁପ୍ ବିଷୈଲି ବାସ୍‌ନା କା
ସାପ୍ ଡଁସ୍‌ତା ହେ ।"

କବି ସଚ୍ଚି ରାଉତରାୟ ମଧ୍ୟ ଠିକ୍ ଅନୁରୂପ ଭାବାବେଗରେ 'ସହର ତଳିର ଉଷା' କବିତାରେ ବ୍ୟଙ୍ଗୋକ୍ତି ବାଢ଼ି ଲେଖିଛନ୍ତି –

"ସହର ତଳିର ଉଷା
କ୍ଷତିପୂର୍ଣ୍ଣ ତିମିର ବିକାର
X X X
ମାନବର ନାଇଁ ଅଧିକାର ।"

ପୁଣି,

"ମନେହୁଏ ପ୍ରଭାତର ସର୍ବାଙ୍ଗରେ ଘାଆ
ଛେଲା ଛେଲା ଝରିପଡ଼େ ପୂଜ
ଦ୍ୱକ୍ ଆଉ ଶୋଣିତ ମିଶ୍ରିତ ।"

ବ୍ୟକ୍ତି ପରମ୍ପରା ଓ ସମାଜ ହିଁ ଅଜ୍ଞେୟଙ୍କ କାବ୍ୟ ଚିନ୍ତନର କେନ୍ଦ୍ରବିନ୍ଦୁ । 'ନଦୀ କେ ଦ୍ୱୀପ'ରେ ସମାଜ ସହିତ ବ୍ୟକ୍ତିର ପାରସ୍ପରିକ ସମ୍ପର୍କ ଅନ୍ୱେଷିତ, 'ହରୀ ଘାସ୍ ପଣ୍ କ୍ଷଣ ଭର୍'ରେ ସହରୀ ସଭ୍ୟତାରୁ ପଳାୟନର ମନୋଭାବ, ପ୍ରକୃତିବୋଧ ପ୍ରକୃତି ପ୍ରତି ସହଜ ଆକର୍ଷଣ ଓ ତା'ର ନିରୀକ୍ଷଣ, ଗ୍ରାମୀଣ ପ୍ରାକୃତିକ ପରିବେଶରେ ଜୀବନ ଅନ୍ୱେଷାବୋଧ ଆଦି 'ସୋନ୍‌ମଛଲୀ' କବିତାରେ ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ, ଅନ୍ତର୍ମନର ଆହ୍ୱାନ ଓ ସୃଜନଶୀଳ କାବ୍ୟ ନୈପୁଣ୍ୟ ପ୍ରତିଫଳିତ ହୋଇଛି । ଭାରତୀୟ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ 'କିତ୍‌ନି ନବୋଁ ମେଁ କିତ୍‌ନି ବାର୍' କବିତାରେ ଶାଶ୍ୱତ ଭ୍ରମଣାନୁଭୂତି ଚମତ୍କାର ଢ଼ଙ୍ଗରେ ଚିତ୍ରିତ ହୋଇଛି ।

ପ୍ରତିନିଧି ଓଡ଼ିଆ କବି ସଚ୍ଚିରାଉତରାୟ ମଧ୍ୟ ବହୁ ନୂତନ, ରୂପକ ପ୍ରୟୋଗ ଦ୍ୱାରା କାବ୍ୟର ଆଙ୍ଗିକ ଭାବଧର୍ମକୁ ସମୃଦ୍ଧ କରିଛନ୍ତି । 'ସୋରିଷ କିଆରି', 'ପ୍ରତ୍ୟୁଷର ସୁବର୍ଣ୍ଣ କାକଳୀ', 'ଲୁହା ଇସ୍ପାତର ପ୍ରେତ', 'ଶବରୀ ଆଖି', 'ଦ୍ରାବିଡ଼ ଆଖି', 'ରେଶମୀ ଶ୍ୱାସ', 'ଯାଇଫୁଲ', 'ତାଳିଦିଆ ଶୀତ', 'ରାଜହଂସୀ ନାଆ', 'ଧାନର ବିଜୁଳିଛଟା', 'କନକ ଶସ୍ୟ', 'ହୀରାର ସୂର୍ଯ୍ୟ', 'ଉଷାର ପଥିକ', 'ତିମିରର କ୍ଷୁଧା', 'କଦମ୍ବ ଫୁଲିଆ ଜହ୍ନ', 'ତୋଫାନୀ ହାୱା', 'ନୀଳ କବିତା', 'ଗେରୁଆ ରଙ୍ଗର ଶୀତ' ଆଦି ଶବ୍ଦଚିତ୍ରର ପ୍ରୟୋଗ ତାଙ୍କ କବିତାର ଆଙ୍ଗିକକୁ ଦେଇଛି ନୂତନ ଚମକ ।

ସଚ୍ଚିବାବୁଙ୍କ କବିତା ପଢ଼ିଲାବେଳେ ମାମୁଲି ଚଳନ୍ତି ଶବ୍ଦ ଭିତରେ ଗୁପ୍ତ ଯୁକ୍ତାକ୍ଷରର, ଛନ୍ଦପତନ, ଲୁପ୍ତ ଯୁକ୍ତାକ୍ଷର ଓ ଦୀର୍ଘସ୍ୱରକୁ ଅନୁଭବ କରିହୁଏ । 'ମାଟିଆ ବୁରୁଜ', 'ଭାରତବର୍ଷ', 'ଖିଦିର୍‌ପୁର' ଆଦି ଶବ୍ଦରେ ଗୁପ୍ତ ଯୁକ୍ତାକ୍ଷର ଆଖିକୁ ଦେଖା ଯାଏନି ମାତ୍ର କାନରେ ଅନୁରଣିତ ହୁଏ । ତାଙ୍କ ସାହିତ୍ୟରେ ଉର୍ଦ୍ଦୁ, ହିନ୍ଦୀ ଶବ୍ଦର ମଧ୍ୟ ବହୁଳ ପ୍ରୟୋଗ ରହିଛି । ସେଲାମ୍, ଖୋଦାର, ମେହେରବାନି, କୁର୍ବାନ୍, ଆଶ୍‌ମାନ, ବାତ୍, ଆଜାଦ୍, କାଏମ୍, ଜୁଲୁମ୍, ଫର୍‌ମାସେ, ଖୁନ୍, ସଂଗୀନ୍, ସଫର୍ ଇତ୍ୟାଦି ।

ହିନ୍ଦୀ କବି ଅଜ୍ଞେୟ ସଂସ୍କୃତ ଶବ୍ଦ ସହିତ ଠେଠ୍ ଅର୍ଥାତ୍ ତଦ୍‌ଭବ ଶବ୍ଦର ପ୍ରୟୋଗ କରି ଶବ୍ଦ ବ୍ୟଞ୍ଜନାକୁ ସମୃଦ୍ଧ କରିଛନ୍ତି । ଧ୍ୱନ୍ୟାତ୍ମକ ଶବ୍ଦ ପ୍ରୟୋଗ କରି ଅର୍ଥଧ୍ୱନୀକୁ ସମୃଦ୍ଧ କରିଛନ୍ତି । ଯେମିତି "ଏକ ବୁନ୍ଦ୍ ସହସା ଉଛଲି ସାଗର୍ କେ ଝାଗ୍ ସେ, ବର୍ଷା ବୁନ୍ଦୋ କି ପଟ୍ ପଟ୍, କଲ୍‌ଗୀ ବାଜ୍‌ରେ କି' କବିତାରେ ଶୈଳ୍ପିକ ନୂତନତା ଅନି ମନୋଜ୍ଞ । କବିଙ୍କ ଶବ୍ଦରେ-

କାବ୍ୟ ଆଙ୍ଗିକରେ ଅଜ୍ଞେୟଙ୍କ ଭାଷା ବିଧାନ, ପ୍ରତୀକ ବିଧାନ, ବିନ୍ଦୁ ପ୍ରୟୋଗ, କୋଷ୍ଟକ ପ୍ରୟୋଗ ଅଭିନବ ତଥା ଅନତିକ୍ରମ୍ୟ ।

ଆଧୁନିକ ହିନ୍ଦୀ ଏବଂ ଓଡ଼ିଆ କବିତା ଧାରାରେ ଦୁଇ ଅପ୍ରତିଦ୍ୱନ୍ଦୀ ସଚ୍ଚିଙ୍କ କବିତାର ଦୃଶ୍ୟବିମ୍ବ ଓ ଧ୍ୱନିବିମ୍ବର ବିକଳ୍ପ ନାହିଁ । ଉଭୟଙ୍କ କବିତାର ଲୟ-ଛନ୍ଦ-ନାଦ ସୌନ୍ଦର୍ଯ୍ୟର ଅଦ୍ଭୁତ ଶୃଙ୍ଖଳା-ଅନୁଶାସନ ତଥା ସୂକ୍ଷ୍ମ ସଂଯମିତ ଭାବବୋଧ ଅତି ନିଷ୍ଠାର ସହିତ ଅଭିବ୍ୟକ୍ତ ହୋଇଛି । ଉଭୟେ ସୃଜନକର୍ମକୁ ନ୍ୟାୟ ଦେବାକୁ ଯାଇ ନୂତନବୋଧ, ନୂତନ ସଂବେଦନା, ନୂତନ ଭାଷା ଓ ନୂତନ ଚିତ୍ରକଳ୍ପର ଗଭୀର ଅନ୍ୱେଷା କରିଛନ୍ତି ।

ଉଭୟ ସଚ୍ଚିବାବୁ ବାହ୍ୟ ଜଗତର କ୍ରିୟା-ପ୍ରତିକ୍ରିୟା-ଘଟଣା-ମୂଲ୍ୟବୋଧ ପ୍ରତି ଯେତିକି ସଂବେଦନଶୀଳ, ନିଜ ବ୍ୟକ୍ତିକ ଭାବାଦର୍ଶ ପ୍ରତି ସେତିକି ସମର୍ପିତ ମଧ୍ୟ । ସମ୍ଭବତଃ ସେଥିପାଇଁ ଉଭୟ ଯୁଗାନ୍ତକାରୀ କବି

ସଚ୍ଚିଦାନନ୍ଦଙ୍କ ସୃଷ୍ଟିରୁ ଆତ୍ମିକ ବିଭବ ମଧ୍ୟ ବେଶ୍ ସାମଞ୍ଜସ୍ୟପୂର୍ଣ୍ଣ । ସେ ସବୁ କାବ୍ୟିକ ଭାବଧର୍ମ ନିମ୍ନମତେ ପ୍ରଦତ୍ତ କରାଗଲା –

(କ) ଚର-ଅଚର ଦୁନିଆର ଫଟୋଗ୍ରାଫିକ୍ ରୂପ ପ୍ରତି ଆକର୍ଷଣ ।
(ଖ) ସତ୍ୟ ଅନ୍ୱେଷଣ ଓ ତା'ର ପ୍ରତିଷ୍ଠା ନିମନ୍ତେ ଅନ୍ତର୍ଦ୍ୟୋତନା ।
(ଗ) ସୃଜନାତ୍ମକ-କଳାତ୍ମକ ସଂପ୍ରେଷଣୀୟତା ପ୍ରତିଷ୍ଠାର ନୈତିକ ଆହ୍ୱାନ ।
(ଘ) କବିକର୍ମରେ ଅଖଣ୍ଡ ଅନୁଭୂତି, ଦର୍ଶନ, ଚିନ୍ତନ, ନିରବତା, ଯନ୍ତ୍ରଣା, ଏକାକୀତ୍ୱବୋଧର ଘନୀଭୂତ ସ୍ଥିତିର ପ୍ରଭାବ ।
(ଙ) ଜୀବନ ପ୍ରତି ସକାରାତ୍ମକ ଦୃଷ୍ଟି ଭିତରେ ସଂକୀର୍ଣ୍ଣ ଧର୍ମର ଉର୍ଦ୍ଧ୍ୱରେ ଏକ ନୂତନ ଆଧ୍ୟାତ୍ମିକ ଅନୁଭବ ।
(ଚ) ସହରୀ ସଭ୍ୟତା, ଯାନ୍ତ୍ରିକ ସଂସ୍କୃତି ପ୍ରତି ତୀର୍ଯ୍ୟକ୍ ବିଦ୍ରୁପାତ୍ମକ ଦୃଷ୍ଟିଭଙ୍ଗୀ ।
(ଛ) ଅସାଧାରଣ ନୁହେଁ ବରଂ ସାଧାରଣ ମଣିଷ ପ୍ରତି ତୀବ୍ର ଆନ୍ତରିକତା ।
(ଜ) ପାରମ୍ପରିକ ମୂଲ୍ୟବୋଧକୁ ମହତ୍ତ୍ୱ ଦେଇ ଅହଂକୁ ସୁରକ୍ଷିତ ରଖି ଆଧୁନିକତା ଏବଂ ପ୍ରଗତିକୁ ସ୍ୱୀକୃତି ପ୍ରଦାନ ।
(ଝ) ପାଶ୍ଚାତ୍ୟ ପ୍ରତି ସଜାଗ ଦୃଷ୍ଟି । ଯୁଗୀୟ ଆହ୍ୱାନ ନାମରେ ପରମ୍ପରାକୁ ବଳୀ ନ ଦେଇ ନୈତିକ ମୂଲ୍ୟବୋଧ ସହିତ ବ୍ୟକ୍ତି-ସ୍ୱାତନ୍ତ୍ର୍ୟର ପ୍ରତିଷ୍ଠା ।
(ଞ) ବ୍ୟକ୍ତିକ-ଆତ୍ମପ୍ରତିଷ୍ଠା ସହିତ ସାମୂହିକ କଲ୍ୟାଣ ଓ ବିଶ୍ୱମାନବବାଦର ଉପାସନା ।

କବି ଅଜ୍ଞେୟଙ୍କ ସମସାମୟିକ ଛାୟାବାଦୀ କବି ଜୟଶଙ୍କର ପ୍ରସାଦ, ବିଦ୍ରୋହୀ କବି ସୂର୍ଯ୍ୟକାନ୍ତ ତ୍ରିପାଠୀ 'ନିରାଲା', ଭାରତଭୂଷଣ ଅଗ୍ରୱାଲା, ନେମିଚାନ୍ଦ, ମୁକ୍ତିବୋଧ, ଧର୍ମବୀର ଭାରତୀଙ୍କ ଭଳି ବିଶିଷ୍ଟ କବିଗଣ ହିନ୍ଦୀ ସାହିତ୍ୟରେ ଅଜ୍ଞେୟଙ୍କ ଅନୁବାଦକୁ ସ୍ୱୀକାର କରିବା ସହିତ ପ୍ରଭାବିତ ହୋଇଛନ୍ତି ମଧ୍ୟ । ଓଡ଼ିଆ କବିତା କ୍ଷେତ୍ରରେ କବି ସଚ୍ଚି ରାଉତରାୟଙ୍କ ସମସାମୟିକ କବିମାନଙ୍କ ମଧ୍ୟରେ କବି ଅନନ୍ତ ପଟ୍ଟନାୟକ, କମ୍ରେଡ ଭଗବତୀ ଚରଣ ପାଣିଗ୍ରାହୀ, ଶ୍ରୀ ମନମୋହନ ମିଶ୍ର ପ୍ରଭୃତି ସ୍ମରଣୀୟ । ଆଧୁନିକ କାବ୍ୟର ଆଙ୍ଗିକ-ଆତ୍ମିକ ସୌଷ୍ଠବ ଅଭିବୃଦ୍ଧି କ୍ଷେତ୍ରରେ କାବ୍ୟିକ ଅନୁଭୂତିର ଗହନତା, ଅଭିବ୍ୟକ୍ତିର ତରଳତା ଉଭୟ ସଚ୍ଚିଦାନନ୍ଦଙ୍କ କବିତାର ଅଭେଦ୍ୟ ଆୟୁଧ । ଉଭୟଙ୍କ କବିତା ସାଧାରଣ ମଧ୍ୟରେ ଅସାଧାରଣର, ବର୍ତ୍ତମାନରେ ଅବର୍ତ୍ତମାନର, ସୀମା ଭିତରେ ଅସୀମର, ମାନବ ମଧ୍ୟରେ ଅତିମାନବ, ବିନ୍ଦୁ ମଧ୍ୟରେ ସିନ୍ଧୁ, ବ୍ୟଷ୍ଟି ମଧ୍ୟରେ ସମଷ୍ଟିର ସନ୍ଧାନ ଦେବାରେ ସକ୍ଷମ। ଆଧୁନିକ ହିନ୍ଦୀ ଏବଂ ଓଡ଼ିଆ ସାହିତ୍ୟରେ 'ପ୍ରୟୋଗବାଦୀ' କାଳଜୟୀ ଅଦ୍ୱିତୀୟ ବ୍ୟକ୍ତିତ୍ୱ ରୂପେ ଦୁଇ ସଚ୍ଚି ଯେ ସର୍ବଦୈବ ଅଭିନନ୍ଦନୀୟ ତଥା ସ୍ମରଣୀୟ ରହିବେ, ଏଥିରେ ଦ୍ୱିମତ ନାହିଁ ।

## ସହାୟକ ଗ୍ରନ୍ଥସୂଚୀ


୧. ଶତପଥୀ, ନିତ୍ୟାନନ୍ଦ : ସବୁଜରୁ ସାଂପ୍ରତିକ, ପ୍ରକାଶକ- ମନୋଜ ମହାପାତ୍ର, ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨, ଦ୍ୱିତୀୟ ସଂସ୍କରଣ, ୨୦୧୬, ISBN – 81-7108-002-6

୨. କୋଣାର୍କ - ସଚ୍ଚି ରାଉତରାୟ ବିଶେଷାଙ୍କ, ଅଗଷ୍ଟ-ସେପ୍ଟେମ୍ବର-ଅକ୍ଟୋବର, ୨୦୧୬, ୧୮୨ତମ ସଂଖ୍ୟା, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ବିଶ୍ୱମୁକ୍ତି ପବ୍ଲିକେଶନ୍, ଭୁବନେଶ୍ୱର

୩. ଶୁକ୍ଳ ଆଚାର୍ଯ୍ୟ ରାମଚନ୍ଦ୍ର : ହିନ୍ଦୀ ସାହିତ୍ୟ କା ଇତିହାସ, ପ୍ରକାଶକ - ଅଶୋକ ପ୍ରକାଶନ, ୨୬୧୫, ନଇ ସଡ଼କ, ଦିଲ୍ଲୀ-୬, ନୂତନ ସଂସ୍କରଣ, ୨୦୦୭ ।